DHARAMA

# ଧରମା

ଘରୋଇ ପ୍ରସାରଣ ନିମନ୍ତେ

ଦ୍ୱିତୀୟ ବର୍ଷ | ପ୍ରଥମ ସଂଖ୍ୟା | ଜାନୁୟାରୀ - ମାର୍ଚ୍ଚ ୨୦୧୮

## ସମ୍ପାଦକୀୟ

ନାନା ପ୍ରକାର କଟକଣା ସତ୍ତ୍ୱେ ଆନ୍ତର୍ଜାତିକ ଶ୍ରମ ସଂଗଠନର ୨୦୧୬ ମସିହା ହିସାବ ଅନୁସାରେ ପୃଥିବୀରେ ୧୫୨ମିଲିୟନ ବାଳ ଶ୍ରମିକ ରହିଛନ୍ତି, ସେମାନଙ୍କ ମଧ୍ୟରୁ ୬୪ ମିଲିୟନ ପୁଅ ଓ ୮୮ ମିଲିୟନ ଝିଅ । ଅର୍ଥାତ୍ ପୁଅପିଲାଙ୍କ ଠାରୁ ଝିଅପିଲା ବାଳ ଶ୍ରମିକ ଭାବରେ ଅଧିକ । ଭାରତରେ ମଧ୍ୟ ଏକ କୋଟି ୨୫ ଲକ୍ଷ ଶିଶୁ ଶ୍ରମିକ ଅଛନ୍ତି ଯେଉଁ ମାନଙ୍କ ମଧ୍ୟରୁ ୧୫ ଲକ୍ଷ ଶିଶୁ ବିପଦ ସଂକୁଳ କ୍ଷେତ୍ର ମାନଙ୍କରେ କାମ କରୁଛନ୍ତି କାଚ କାରାଖାନା, ଖଣି, ନିର୍ମାଣ, କାରପେଟ ବୁଣା, ଜରିକାମ, ବାଣ କାରଖାନା,ରନ୍ ପଥର ପରି ଶିଳ୍ପ ଗୁଡିକୁ ବିପଦ ସଂକୁଳ କ୍ଷେତ୍ର ଭାବରେ ଗଣନା କରାଯାଇଛି । ତଥାପି ଶିବକାଶିର ବାଣ କାରଖାନା , ସୁରତର ରତ୍ନପଥର ପଲିଶିସ, ଫିରୋଜାବାଦର କାଚ କାରଖାନା , ଜାମୁକାଶ୍ମିରର କାରପେଟ, ମିରଜାପୁରର ସ୍ଲେଟ କାରଖାନା ମାନଙ୍କରେ ଶହ ଶହ ଶିଶୁ ଶ୍ରମିକ କାର୍ଯ୍ୟରତ ଥିବା ଆମ୍ଭେମାନେ ଦେଖିବାକୁ ପାଉ । ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ, ବିହାର, ମହାରାଷ୍ଟ୍ର ଆଦି ରାଜ୍ୟ ମାନଙ୍କରେ ଶିଶୁ ଶ୍ରମିକ ସର୍ବାଧିକ । ଓଡିଶାରେ ମଧ୍ୟ ୩ ଲକ୍ଷ ୭୭ ହଜାର ଶିଶୁ ଶ୍ରମିକ ଥିବା ଗଣନାରୁ ଜଣାଯାଏ । ସେମାନଙ୍କ ମଧ୍ୟରୁ ସର୍ବାଧିକ କୃଷି କ୍ଷେତ୍ରରେ କାମ କରୁଥିବା ବେଳେ ଅନ୍ୟ କେତେକ କଳ କାରଖାନା, ହୋଟେଲ, ଗେରେଜ, ସାଇକେଲ ମରାମତି, ଇଟାଭାଟି, ପାଉଁରୁଟି କାରଖାନା, ଗୃହ ଚାକର, ଗାଇଛେଳି ଚରାଇବା ପରି କାର୍ଯ୍ୟ ମାନଙ୍କରେ ନିୟୋଜିତ ହୋଇଛନ୍ତି ।

ଶିଶୁ ମାନଙ୍କୁ କୌଣସି ଶ୍ରମରେ ନିୟୋଜିତ ନକରି ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବାକୁ ନାନା ପ୍ରକାର ଆଇନ ରହିଛି । ଭାରତର ସମ୍ବିଧାନରେ ମଧ୍ୟ ବିଭିନ୍ନ ଧାରାରେ ଶିଶୁ ମାନଙ୍କୁ ସୁରକ୍ଷା ଦେବା ନେଇ ପ୍ରାବଧାନ ରହିଛି । ସେହିପରି କିଶୋର ନ୍ୟାୟ ଆଇନ ଅଧିନିୟମ ୨୦୦୦ ଓ ୨୦୦୬, ଶିକ୍ଷା ଅଧିକାର ଅଧିନିୟମ ୨୦୦୯, ଶିଶୁ ଶ୍ରମ ( ନିରୋଧ ଓ ନିୟନ୍ତ୍ରଣ) ଆଇନ ୧୯୮୬ ପ୍ରଣିତ ହୋଇଛି । କିନ୍ତୁ ପରିତାପର ବିଷୟ ୧୯୮୬ ଶିଶୁ ଶ୍ରମିକ ( ନିରୋଧ ଓ ନିୟନ୍ତ୍ରଣ) ଆଇନ କୁ ପରିବର୍ତ୍ତନ କରାଯାଇ ଶିଶୁ ଶ୍ରମିକକୁ ସଂପୂର୍ଣ ନିଷିଦ୍ଧ କରା ନ ଯାଇ ଘର କାମରେ ସ୍କୁଲ ଛୁଟି ସମୟରେ ଶିଶୁ ମାନେ ସେମାନଙ୍କ ପିତାମାତାଙ୍କୁ ସାହାଯ୍ୟ କରିପାରିବେ ବୋଲି କୁହାଯାଇଛି । ଉକ୍ତ ପରିବର୍ତ୍ତନର ସୁଯୋଗ ନେଇ ପିତା ମାତା ମାନେ ଛୋଟ ଛୋଟ ପୁଅ ଝିଅ ମାନଙ୍କୁ ଗୃହ କାର୍ଯ୍ୟରେ ତଥା କୌଳିକ ବୃତ୍ତିରେ ନିଯୁକ୍ତ କରୁଥିବା ଦେଖାଯାଉଛି । ଏତତ୍ ବ୍ୟତିତ ଓଡିଶାରୁ ବ୍ୟାପକ ଭାବରେ ତିନି ରୁ ଚାରି ଲକ୍ଷ ପର୍ଯ୍ୟନ୍ତ ଶ୍ରମିକ ସ୍ଥାନାନ୍ତରୀ ହୋଇ ପଡୋଶୀ ରାଜ୍ୟ ଗୁଡିକୁ ଦାଦନ ଖଟିବାକୁ ଚାଲିଯାଉଛନ୍ତି ଓ ଗଲାବେଳେ ସେମାନଙ୍କ ସ୍କୁଲ କଲେଜରେ ପାଠ ପଢୁଥିବା ପିଲାମାନଙ୍କୁ ସାଂଗରେ ନେଇ କାର୍ଯ୍ୟରେ ଲଗାଇଥାନ୍ତି । ତେଣୁ ଅଧାରୁ ସ୍କୁଲ ଛାଡିବା ପିଲାମାନଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ଏହିପରି ଭାବରେ ଓଡିଶାର କଳାହାଣ୍ଡି, କୋରାପୁଟ, ବଲାଙ୍ଗୀର, ନବରଂଗପୁର, ଗଜପତି ମାଲକାନଗିରି ପରି ଦାଦନ ପ୍ରବଣ ଜିଲ୍ଲା ଗୁଡିକରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ଅଧିକ ରହୁଛି । ବିଶେଷତଃ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ପିତାମାତାଙ୍କର କାର୍ଯ୍ୟସ୍ଥଳୀ ନିର୍ଦ୍ଦିଷ୍ଟ ନଥିବାରୁ ସେମାନଙ୍କୁ ବିଭିନ୍ନ ସ୍ଥାନକୁ ଯିବାକୁ ପଡିଥାଏ । ତେଣୁ ସେମାନେ ସେମାନଙ୍କ ସଂଗରେ ସେମାନଙ୍କର ପିଲା ମାନଙ୍କୁ ସ୍କୁଲରୁ ପାଠ ଛଡାଇ ସଂଗରେ ନେଇଥାନ୍ତି ଓ ସେମାନେ କାମ କରୁଥିବା ସମୟରେ ବଡ ପୁଅ ଝିଅଙ୍କୁ ଛୋଟ ପୁଅ ଝିଅଙ୍କ ଦାୟୀତ୍ୱ ଦେଇ କାର୍ଯ୍ୟସ୍ଥଳୀକୁ ଚାଲିଯାନ୍ତି ।

ଉପରୋକ୍ତ ବାସ୍ତବତାକୁ ହୃଦୟଙ୍ଗମ କରି ପ୍ରଗତିଶୀଳ ଶ୍ରମିକ ମଂଚ ଓ ଧରମା ଫାଉଣ୍ଡେସନ ମାଧ୍ୟମରେ ଏହି ଅସହାୟ ନିର୍ମାଣ ଶ୍ରମିକଙ୍କ ସନ୍ତାନ ସନ୍ତତିଙ୍କୁ ସମାଜର ମୁଖ୍ୟ ସ୍ରୋତରେ ମିଶାଇବାର ପ୍ରୟାସ ଚଳାଇ ରଖିଛି । ସ୍କୁଲ କଲେଜରୁ ପାଠ ଛାଡିଥିବା ପିଲାମାନଙ୍କୁ ପୁନଃ ସ୍କୁଲ କଲେଜରେ ପାଠପଢାର ସୁବିଧା ସୁଯୋଗ ସୃଷ୍ଟିକରିବା, ଅଧାରୁ ପାଠ ଛାଡିବାକୁ ନିରୁତ୍ସାହିତ କରିବା, ନିର୍ମାଣ ଶ୍ରମିକ ପିଲା ମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ, ଦାୟୀତ୍ୱ ଓ ଅଧିକାର ବିଷୟ ନେଇ ସଚେତନ କରାଇବା ପରି ସାମାଜିକ ଦାୟୀତ୍ୱ ବୋଧକୁ ସାକାର କରିବାରେ ପ୍ରଗତିଶୀଳ ଶ୍ରମିକ ମଂଚ ଓ ଧରମା ଫାଉଣ୍ଡେସନର ଭୂମିକା ବେଶ ପ୍ରେରଣା ଦାୟୀ । ଏହା ଟ୍ରେଡୟୁନିଅନ ଆନ୍ଦୋଳନର ଏକ ନୂତନ ଦିଗନ୍ତ ଉନ୍ମୋଚନ କରିବାରେ ସଫଳ ହୋଇଛି ।



ମୁଖ୍ୟ ପରାମର୍ଶଦାତା

ଡ଼ ଲକ୍ଷ୍ମୀଧର ମିଶ୍ର

ମୁଖ୍ୟ ସଂପାଦକ

ଡ଼ ଗୋଲକ ବିହାରୀ ନାଥ

ସଂପାଦକ

ଶ୍ରୀ ରକ୍ଷାକର ଅନୁପମ

ସଂପାଦନା

ଶ୍ରୀମତୀ ସୁଷମା ସାହୁ

ଶ୍ରୀ ସମ୍ବିତ ମିଶ୍ର

### ଭିତର ପୃଷ୍ଠାରେ...

- ଶୈଶବ ସମ୍ପଦ ଓ ମାନବିକ ଅଧିକାର
- ପଢ଼ିବାକୁ ଥିବାବେଳେ ରୋଜଗାର କାହାପାଇଁ ?
- ନିର୍ମାଣ ଶିଶୁଙ୍କ କାର୍ଯ୍ୟସ୍ଥଳୀ ପରିବେଶ
- ଆମ ପିଲାଏ
- ନିର୍ମାଣ ଶ୍ରମିକଙ୍କ ସନ୍ତାନ ସନ୍ତତି- ଶିକ୍ଷା ପ୍ରାପ୍ତିରେ ସାମ୍ବିଧାନିକ ଅଧିକାର..
- ଧରମା ପ୍ରତିଷ୍ଠାନ ପକ୍ଷରୁ ଶିଶୁ ମହୋତ୍ସବ
- ପରିବର୍ତ୍ତନଶୀଳ ଦୃଶ୍ୟପଟ୍ଟରେ ସାମାଜିକ ନିରାପତ୍ତା ପ୍ରସଙ୍ଗରେ..

# ଶୈଶବ ସମ୍ପଦ ଓ ମାନବିକ ଅଧିକାର

**ପ୍ରଫେସର ମନୋରଞ୍ଜନ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ,
ଦିଲ୍ଲୀ ବିଶ୍ୱବିଦ୍ୟାଳୟ

ଏ ଯେଉଁ ଉଦ୍ୟମଟି 'ଧରମା' ବୋଲି ଏକ ସ୍ୱତନ୍ତ୍ର ମଞ୍ଚ ଭାବରେ ଜନ୍ମ ନେଇଛି ତାର ଏକ ଐତିହାସିକ ଗୁରୁତ୍ୱ ରହିଛି । ଯୋଉ ନିର୍ମାଣ ଶ୍ରମିକ ଝାଳ ନାଳ ହୋଇ ଝୁମ୍ପୁଡ଼ିରେ ରହି କୋଠାବାଡ଼ି, ରାସ୍ତା, ପୋଲ ଆଉ ଆଜିକାଲିର ମଲ୍ ଓ ହୋଟେଲମାନ ତିଆରି କରନ୍ତି, ତାଙ୍କର ପିଲାମାନେ କି ଅମାନବିକ ଅବସ୍ଥାରେ ରହନ୍ତି ତା ବିଷୟରେ କେତେକ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାପାଇଁ ଏହା ଏକ ବଳିଷ୍ଠ ପ୍ରଚେଷ୍ଟା ।

ଏହାକୁ "ଦୟା କରିବାର" ଆଖିରେ ଯଦି କେହି ଦେଖୁଥିବେ ସେମାନେ ବଡ଼ ଭୁଲ କରୁଛନ୍ତି । ଏପରିକି ଯଦି ସରକାରଙ୍କ ମଙ୍ଗଳକାରୀ ପଦକ୍ଷେପ ବୋଲି କହିବେ ତାହା ମଧ୍ୟ ଅଯୌକ୍ତିକ । ନିର୍ମାଣ ଶ୍ରମିକଙ୍କ ହକ୍, ଅଧିକାର ଅଛି ଆଇନରେ ଓ ସମ୍ବିଧାନରେ । ସବୁ ପିଲାଙ୍କୁ ସମ୍ବିଧାନ ଯେଉଁ ଅଧିକାର ଦେଇଛି ନିର୍ମାଣ ଶ୍ରମିକ ପିଲାଙ୍କର ମଧ୍ୟ ସେଇ ଅଧିକାର ଅଛି । ତେଣୁ ଏହାକୁ ମାନବିକ ଅଧିକାର ବୋଲି ଗ୍ରହଣ କରିବାକୁ ହେବ ।

ଭାରତ ସମ୍ବିଧାନ ଧାରା ୨୧-କ ଅନୁସାରେ ସବୁ ପିଲାଙ୍କୁ ୬ ରୁ ୧୪ ବର୍ଷ ଯାଏ ଶିକ୍ଷା ପାଇବାର ଅଧିକାର ଦେଇଛି- ମାଗଣାରେ ଏବଂ ବାଧ୍ୟତାମୂଳକ ଭାବରେ । ଯାହାକୁ କାର୍ଯ୍ୟକାରୀ କରିବା ପାଇଁ ୨୦୦୯ ରେ ଶିକ୍ଷା ଅଧିକାର ଆଇନ ହେଲା ଏବଂ ଦେଶ ସାରା ତାକୁ ବାସ୍ତବରେ ଲାଗୁ କରିବା ପାଇଁ ଚେଷ୍ଟା ଚାଲିଛି । ସମ୍ବିଧାନର ୪୫ ଧାରା ଅନୁସାରେ ଶିଶୁକୁ ମୂଳରୁ ୬ ବର୍ଷ ପୁରିବା ଯାଏ ଉପଯୁକ୍ତ ଯତ୍ନ ଏବଂ ଶିକ୍ଷା ଦେବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଦୁଇଟି ଯାକ ଧାରା ଏକାଠି ପଢ଼ିଲେ ଏବଂ ବିଭିନ୍ନ ଆନ୍ତର୍ଜାତିକ ଘୋଷଣା ବିଶେଷ କରି ୧୯୮୯ର ଶିଶୁମାନଙ୍କ ଅଧିକାର ସଂକ୍ରାନ୍ତରେ ଜାତିସଂଘର କନଭେନସନ ଅନୁସାରେ ଆମକୁ ଏ ଶିଶୁ ମାନଙ୍କ ଅଧିକାରକୁ ସ୍ୱୀକାର କରିବାକୁ ହେବ । ନିର୍ମାଣ ଶ୍ରମିକଙ୍କ ପୁଅଝିଅମାନେ ଅପାଠୁଆ, ଅଧାପାଠୁଆ, ରୁଗ୍ଣ ଓ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ସେ ବିଷୟରେ ବହୁ ତଥ୍ୟ ସଂଗ୍ରହ କରାଯାଇଛି । ନିର୍ମାଣ ଶ୍ରମିକ ଆନ୍ଦୋଳନ ସାରା ଭାରତବର୍ଷରେ ଦୃଢ଼ ଭାବରେ ବିଭିନ୍ନ ନ୍ୟାୟଗତ ଦାବୀ ପାଇଁ ସଂଘର୍ଷ ଚାଲୁ ରଖିଛି । ଓଡ଼ିଶାରେ ଏ ସଂଘର୍ଷ ଫଳରେ କିଛିଟା ଆଇନଗତ ଅଧିକାର ଓ ସୁବିଧା ମଧ୍ୟ କାଗଜରେ ସ୍ଥାନ ପାଇଛି । କିନ୍ତୁ ବାସ୍ତବରେ ନିର୍ମାଣ ଶ୍ରମିକ ନିଷ୍ପେଷିତ ଏବଂ ତାଙ୍କ ଝିଅ ପୁଅ ଆହୁରି ଅବହେଳିତ । ବର୍ତ୍ତମାନ ଭୂମଣ୍ଡଳୀକରଣ ଓ ନବଉଦାରବାଦୀ ଅର୍ଥନୀତିରେ ନିର୍ମାଣ କାର୍ଯ୍ୟ ଆହୁରି ଦ୍ରୁତ ଗତିରେ ଚାଲିବ । ତେଣୁ ଶ୍ରମିକ ଆନ୍ଦୋଳନ ଆହୁରି ତୀବ୍ର ଓ ଦୃଢ଼ ହୋଇ କେତେକ ନ୍ୟାଯ୍ୟ ଦାବି ଉପସ୍ଥାପନା କରିବା ଆବଶ୍ୟକ । ଦୁଇଟି କ୍ଷେତ୍ରରେ ପଦକ୍ଷେପ ଜରୁରୀ । ଶ୍ରମିକଙ୍କ ନିଜ ଗାଁ ବା ବାସସ୍ଥାନରେ ଏବଂ ଯେଉଁ ସହର ବା ଅନ୍ୟ ଯାଗାରେ ନିର୍ମାଣ କାମ ଚାଲୁଛି ସେ ଯାଗାରେ ।

ଗାଁ ଅଞ୍ଚଳରେ ଦାଦନ ଶ୍ରମିକ ପ୍ରଥା ପୁରା ବନ୍ଦ ହେବା ଦରକାର । ଯୋଉମାନେ ବାହାରକୁ ଯିବେ ପଞ୍ଚାୟତରେ ଖବର ଦେଇ, ପରିବାର ନେଉଛନ୍ତି କି ଏକା ଯାଉଛନ୍ତି ସେ ବିଷୟରେ ସ୍ପଷ୍ଟ ସୂଚନା ଦେବା ଦରକାର । ଯେଉଁମାନେ ସ୍ତ୍ରୀ ଓ ପିଲାଙ୍କୁ ଗାଁରେ ଛାଡ଼ି ଯାଉଛନ୍ତି ସେ ପିଲାମାନଙ୍କୁ ନିର୍ମାଣ ଶ୍ରମିକ ଶିଶୁ କାର୍ଯ୍ୟକ୍ରମରେ ପଢ଼ିବା, ଚଳିବା, ପୋଷାକ ଇତ୍ୟାଦିରେ ବ୍ୟବସ୍ଥା ହେବା ଦରକାର । ପଞ୍ଚାୟତରେ ଶ୍ରମିକ ସହାୟତା କାମ ଯୋଡ଼ି ତାହା କିପରି ନିର୍ମାଣ ସଂସ୍ଥା ସହିତ ସମ୍ପର୍କ ରଖି ପରିବାରକୁ ସାହାଯ୍ୟ କରିବ, ସେ ଦିଗରେ ତତ୍ପର ହେବା ଦରକାର । ଯୋଉ କମ୍ପାନୀ ଠିକା ନେଇ ଶ୍ରମିକଙ୍କୁ ନିଯୁକ୍ତି ଦେଇଛି ସେ କମ୍ପାନୀ ପରିବାର ପାଇଁ ସାହାଯ୍ୟ ଯୋଗାଇବା ଆବଶ୍ୟକ । ସବୁ ପଞ୍ଚାୟତରେ ଶ୍ରମିକ ପିଲାଙ୍କ ପାଇଁ ଛାତ୍ରାବାସ ତିଆରି ହେବା ଆବଶ୍ୟକ । ପଞ୍ଚାୟତ ଭିତରେ ଥିବା ସ୍କୁଲରେ ସେମାନେ ପଢ଼ି ପାରିବେ । ବଡ଼ ପିଲା ଯେଉଁଠି ପଢ଼ିବାକୁ ଯିବେ ସେଠାରେ ମଧ୍ୟ ଏ ସୁବିଧା ମିଳିବା ଆବଶ୍ୟକ । ଦ୍ୱିତୀୟ କ୍ଷେତ୍ରଟି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସହର ବା ନିର୍ମାଣ ସ୍ଥାନରେ ଶ୍ରମିକ ପିଲାଙ୍କୁ ସୁବିଧା ଯୋଗାଇବା । ପ୍ରଥମ କଥା ହେଲା ନିର୍ମାଣ ସ୍ଥାନରେ ଭଲ ରକମ ଅସ୍ଥାୟୀ ଘର ତିଆରି ହେବା ଆବଶ୍ୟକ । ଏ ବିଷୟରେ ଭାରତରେ ଆଦୌ ଚିନ୍ତା କରାଯାଇନାହିଁ । ଆମ ଦେଶରେ ଖୁବ ଭଲ ଆର୍କିଟେକ୍ଟ ବା ନିର୍ମାଣ ବିଜ୍ଞାଣୀ ଅଛନ୍ତି । ସେମାନେ ଫୋଲଡ଼ିଂ ଷ୍ଟ୍ରକ୍‌ଚର ତିଆରି କରିପାରିବେ । ଯେଉଁ ଘରକୁ ଭାଙ୍ଗି କରି ସେଇ ଜିନିଷ ଲଗେଇ ଅନ୍ୟ ଯାଗାରେ ପୁଣି ଘର ତିଆରି କରିହେବ । ପାଇଖାନା ଓ ଗାଧୁଆଘର ଅତ୍ୟନ୍ତ ଜରୁରୀ । ତାହେଲେ ଯୋଉ ଝୁଗି, ଝୋପଡ଼ି ଓ ଟିଣ, କେରପାଲ ତଳେ ରହି ନିର୍ମାଣ ଶ୍ରମିକ ଆଜି କାମ କରନ୍ତି ତାହା ହୁଅନ୍ତା ନାହିଁ । ତାହେଲେ ପିଲାମାନେ ଆବର୍ଜନା ଭିତରେ ବଢ଼ନ୍ତେ ନାହିଁ ।

ପ୍ରତ୍ୟେକ ନିର୍ମାଣ ସ୍ଥାନ ପାଖରେ ଥିବା ସ୍କୁଲ ଓ ଶିଶୁ ପାଠଶାଳା ଏବଂ ଅଙ୍ଗନବାଡ଼ିରେ ଅଳ୍ପଦିନ ପାଇଁ ହେଲେ ବି ଶ୍ରମିକ ଶିଶୁଙ୍କ ପାଇଁ ଦିଆଯିବା ଉଚିତ । ଏଥିପାଇଁ ସରକାର ଓ ସ୍ୱେଚ୍ଛାସେବୀ ସଂଗଠନ ନିଜର ଆଭିମୁଖ୍ୟ ବଦଳେଇବା ଦରକାର । ପ୍ରତ୍ୟେକ ସହର ଓ ଜିଲ୍ଲାରେ ଶ୍ରମିକ ଶିଶୁଙ୍କୁ ଶିକ୍ଷାଦେବା ପାଇଁ ଏକ ସ୍ୱତନ୍ତ୍ର ସଂସ୍ଥାନ ଓ ତାଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ଚିକିତ୍ସା ବ୍ୟବସ୍ଥା ଓ ତାଙ୍କୁ କଳା, ସଂସ୍କୃତି ଓ ବୈଷୟିକ ବିଦ୍ୟାରେ ଆଗେଇନେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ଆବଶ୍ୟକ । "ଶୈଶବ ସମ୍ପଦ" ଦିନକୁ ଦିନ ଫୁଟି ଉଠୁ ସେଥିପାଇଁ ଚର୍ଚ୍ଚା ଓ ସଂଘର୍ଷ ବଳବତ୍ତର ହେଉ । ଚାଲନ୍ତୁ ସେ ଦିଗରେ ଲାଗିପଡ଼ିବା ।



ଭାରତୀୟ ଶୁଷ୍କାଞ୍ଚଳ ସଂସ୍ଥାନର ସିଇଓ ଭାବରେ **ଡ଼. ଅଶୋକ ଦଲୱାଇ**ଙ୍କୁ ନୂତନ ନିଯୁକ୍ତି ମିଳିଥିବାରୁ ଧରମା ପ୍ରତିଷ୍ଠାନ ତରଫରୁ ତାଙ୍କୁ ଅଜସ୍ର ଅଭିନନ୍ଦନ

# ପଢ଼ିବାକୁ ଥିବାବେଳେ ରୋଜଗାର କାହାପାଇଁ ?

ଅଶ୍ୱିନୀ କୁମାର ମିଶ୍ର

ଯେତେବେଳେ ପ୍ରଶ୍ନଟିଏ ପଚାରିବାକୁ ହୁଏ ନିଜକୁ, ସେ ପ୍ରଶ୍ନଟି ଏହିପରି ? ଜୀବନର ଶୈଶବାବସ୍ଥାକୁ କେଉଁଭଳି ଦେଖିବାକୁ ହେବ ? ମୁଁ ଏହାର ଉତ୍ତର ଦେବି ଏଇ ପ୍ରକାରର "ଏହା ପୂର୍ଣ୍ଣବୟସ ଆଡ଼କୁ ଉଠିଯିବାର ଏକ ସିଡ଼ି । ଯାହାବି ହେଉ ଆଜିକାଲି ଏଭଳି ଆରୋହଣ ଆରବୀୟ ରାତ୍ରୀର କାହାଣୀ ଭଳି ଆକର୍ଷଣ ଭରା ପୃଷ୍ଠା କୁହନ୍ତି । ପିଠିରେ ବହିବସ୍ତାନୀର ବୋଝ ମୁଂଡ଼େଇଥିବା ପିଲାଟି ଆଜି ଜୀବନର ସୁଆଦ ଚାଖିବାରେ ଯେମିତି ଆପାତତଃ ବିଫଳ ।

ପିଲାମାନେ ଭୋଟ ବ୍ୟାଙ୍କ କହନ୍ତି । ତାଙ୍କ ସ୍ୱର ପ୍ରଶାସନର କର୍ଣ୍ଣ ଗହ୍ୱରକୁ ପ୍ରବେଶ କରିପାରେନି । ଝୋପଡ଼ି ତଥା ବାଉଁଶର ଛାତ ତଳେ ରହୁଥିବା ପରିବାରରେ ଶିଶୁମାନଙ୍କ ପ୍ରତି ବ୍ୟଭିଚାର ଯେମିତିଏକ ମାମୁଲି ଘଟଣା । ତାଙ୍କ ହସକୁଦରରେ ଯେମିତି ଲାଗିଥାଏ ଲଗାମ୍ । ଶିଶୁ ସୁଲଭ ଉତ୍ତେଜନାକୁ ଚାପିଦିଆଯାଏ । ସେମାନେ ବାଧ୍ୟ ହୁଅନ୍ତି ମାଲିକଙ୍କ ପାଦତଳେ ଗୁରୁଣ୍ଡିବାକୁ । ବିଶିଷ୍ଟ କବି ଫୈଜ୍‌ଙ୍କ ଭାଷାରେ "ଗୋଟିଏ ଶିଶୁର ସ୍ଥିତି ଯେମିତି ଏକ ଭିଖାରୀର ପାଉନ୍ ଯାହା ପ୍ରତି ଘଣ୍ଟାରେ ଛିଣ୍ଡୁଥାଏ ଓ ସିଲେଇ ହେଉଥାଏ ।

ଏହି ନିରିହ ଶିଶୁମାନଙ୍କର ଭାଗ୍ୟ ଆଜି କୁଆଡ଼େ ? ସିରିଆ ସମେତ ପୃଥିବୀର ବହୁ ଦେଶରେ ସେମାନେ ଆଜି ବୋମାରେ ଧ୍ୱସ୍ତ ବିଧ୍ୱସ୍ତ । ସେଇଭଳି ଶିଶୁମାନେ ପୁଣି ଠେଲି ହେଇ ଯାଉଛନ୍ତି ଭିକ୍ଷାବୃତ୍ତିକୁ ଅପ୍ରାପ୍ତ ବୟସ୍କା ବାଳିକା ପା-ବିକତାର କାରବ୍ୟ ହେବା ସାଙ୍ଗକୁ ବେଶ୍ୟାବୃତ୍ତିକୁ ଆଦରିବାକୁ ବାଧ୍ୟ ହେଉଛନ୍ତି । ଅତ୍ୟାଚାରୀ ମାନଙ୍କରେ ପାଦତଳେ ସେମାନେ ସମର୍ପିତ । ନାବାଳିକା ଜଣେ ଯିଏ ସମୁଦ୍ର ବାଲିରୁ ରଙ୍ଗିନ ଶାମୁକା ଗୋଟାଇବା କଥା, ଆଉ ପାଖରୁ କାହାଣୀ ଶୁଣିବା ସାଙ୍ଗକୁ କୋଳି ପାଇଁ ଅଳି କରିବା କଥା ସେଇ ଜୀବନ ବର୍ତ୍ତମାନ ନର୍କଗାମୀ ।

ସେ ଯାହାହେଉ, ଶିଶୁ ମାନଙ୍କ ମାନସ୍ତାତ୍ତ୍ୱିକ ଗତିଶୀଳତାକୁ ଆଗେଇ ନେବା ଆଜିର ଦୁନିଆରେ ବହୁ ଛବିଳ ପୁସ୍ତକ, ସିଡ଼ି ଓ ଭେଳିକି ଭେଳି ଆଖିଦୃଶିଆ ଜିନିଷ ସବୁ ଉତ୍ପାଦିତ ହେଉଛି । ବଜାରରେ ପ୍ରତିଦ୍ୱନ୍ଦିତାରେ ବହୁ ଦେଶୀୟ ପୁଞ୍ଜିପତିମାନେ ଛୁଆଙ୍କ ମନଲାଖି କିସମ କିସମର ଜିନିଷ ଉତ୍ପାଦନ କରୁଛନ୍ତି । ଭିଡ଼ିଓ ଖେଳ, ଟେଲିଭିଜନ ମାଧ୍ୟମରେ ଶିଶୁ ମନୋରଞ୍ଜକ ସିରିଏଲ ତିଆରି ଚାଲିଛି । ହିତୋପଦେଶ, ପଞ୍ଚତନ୍ତ୍ରର କାହାଣୀ ମାଳାକୁ ସୁନ୍ଦର ଭାବରେ ଟିଭି, ୟୁଟ୍ୟୁବ୍ ଓ ଅନ୍ୟାନ୍ୟ ମାଧ୍ୟମରେ ପରିବେଷଣ କରାଯାଉଛି । ପ୍ରବନ୍ଧକମାନେ ଶିଶୁ ମନଲାଖି ଅନେକ ଉପାଦେୟ ପୁସ୍ତିକା ପ୍ରକାଶନ କରୁଛନ୍ତି । ପଞ୍ଚତନ୍ତ୍ରର ସେଇ ତିନୋଟି ମାଛ ଯେଉଁଗୁଡ଼ିକ ବିକତା, ଟାଣୁଆ ମନୋଭାବ ପାଇଁ ଖ୍ୟାତି ଆଣିଥିଲେ ସେ ଭିତରୁ ଜଣେ ନିଜର ମୂଖାର୍ମୀ ପାଇଁ, କେଉଁଭଳି ଜୀବନ ହାରିଲା, ତା'ରି ବର୍ଣ୍ଣନା ବାସ୍ତବରେ ଶିକ୍ଷଣୀୟ ।

ଅତୀତରେ ଏଭଳି କାହାଣୀ କଳାଧଳା ମାଧ୍ୟମରେ ଅନାକର୍ଷଣୀୟ ଦିଶୁଥିଲେ ଆଜି କିନ୍ତୁ ସେମାନେ ବେଶ ଆକର୍ଷଣୀୟ ଓ ମନଲୋଭା ।

ଗ୍ରାମୀଣ ପରିବେଶରେ ଆମ ବିଦ୍ୟାଳୟ ଜୀବନ କାଁ ଭାଁ ମନୋରଞ୍ଜକ ଉପକରଣ ଲାଇବ୍ରେରୀ ପୁସ୍ତକର ଅଭାବ ତାକୁ ଧୂସରିତ କରିଥିଲା । ସବୁଠି ଥିଲା ଜୀବନ ସକାଶେ ଏକ ତୀବ୍ର ଅଭାବବୋଧ । ଯଦି ମୁଁ ଏବଂ ମୋର ସାଥୀମାନେ ଆଜି ଭଳି ସୁବିଧା ହାସଲ କରିଥାନ୍ତୁ ତା' ହେଲେ ଆମ ଜୀବନର ଗତିପଥ ଆହୁରି ସୁଗମ ଓ ବର୍ଣ୍ଣିଳ ହୋଇଥାନ୍ତା ତେବେ ସେ ଅତୀତ ଏବେ ସେଇ ଅତୀତରେହିଁ ମିଶି ଯାଇଛି । ତା କଥା ଭାବିଲେ କେବଳ ପଶ୍ଚାତାପହିଁ ସାର ।

ମୁଁ ଏଣ୍ଡୋନେସିଆରେ ପ୍ରକାଶିତ ତଥା ପ୍ରସାରିତ ଏଣ୍ଡିଓ ଉପନ୍ୟାସର ନାୟକ ଲିନ୍‌ଟାଙ୍ଗ୍ ଗୋଟିଏ ମଲାଙ୍ଗଦିଆ ସ୍କୁଲରେ ପଢୁଥିଲା । ଆର୍ଥିକ ଦୁସ୍ଥିତି ଯୋଗୁଁ ପିଲାମାନେ ତଥା ଲିଙ୍ଗଟାଙ୍ଗ୍ କୌଣସି ସୁବିଧା ପାନ୍ତି ନାହିଁ । ସେ ୫୪ କି.ମି ଦୂରକୁ ସାଇକେଲ ଚଳାଇ ଆସୁଥିଲା । ତା ସତର ପରିବାରରୁ ସେ କେବଳ ଜଣେହିଁ ବିଦ୍ୟାର୍ଥୀ ଥିଲା । ଘରେ ଘଣ୍ଟା ନଥିଲା ଦିନେ ଅକସ୍ମାତ୍ କୁକୁଡ଼ାଟିଏ ରାତି ଦି'ଟାରେ ରାବି ଉଠିଲା । ଲିନ୍‌ଟାଙ୍ଗ ଭାବିଲା ସକାଳ ହେଲା । କିନ୍ତୁ ଆସିଲାବେଳେ ଦେଖିଲା ରାତିର କିକଡ଼ ଅନ୍ଧାର । ଭୟରେ ଗୋଟିଏ ଜାଗାରେ ବସିପଡ଼ି କେବଳ ଧ୍ୟାନରତ ହେଲା । ସ୍କୁଲ ପହଞ୍ଚିଲା ବିଶେଷ କଷ୍ଟ ସ୍ୱୀକାର କରି । ସେ ଖୁବ୍ ସୁନ୍ଦର ପାଠ ପଢୁଥିଲା । ଡ଼ିଫରେନ୍ସିଏଲ୍ ଇଣ୍ଟିଗ୍ରାଲ ତା'ର ମୁହେଁ ମୁହେଁ ଥିଲା । କିନ୍ତୁ ତା ମାଛ ଧରାଳୀ ପିତା ଦିନେ ଅକସ୍ମାତ୍ ମୃତ୍ୟୁବରଣ କଲେ । ତା ପଢ଼ାରେ ଡ଼ୋରି ବନ୍ଧା ହେଲା । ଜାକର୍ତ୍ତା ସହରରେ ସେ ଶେଷକୁ ଟ୍ରକ ଚଳେଇଲା । ତା ସାଙ୍ଗମାନେ ଯେତେବେଳେ ବଡ଼ ବଡ଼ ଅଧିକାରୀ ହେଲେ । ସେଥିରୁ ତାକୁ ଜଣେ ଭେଟିଲା ବାର ବର୍ଷ ପରେ ଲିନ୍‌ଟାଙ୍ଗର ଛିଣ୍ଡା ଖଟ, ଛିଣ୍ଡା ମସିଣା ଥିବା ଗ୍ୟାରେଜ୍‌ରେ ବସି ତା ସାଙ୍ଗକୁ ଉତ୍ତର ଦେଉଥାଏ । ଯା ବି ହେଉ ମୋ ବାପାଙ୍କ ଭଳି ମତେ ମାଛ ଧରିବାକୁ ପଡୁନାହିଁ ।

ଏ ଭାରତ ତଥା ଓଡ଼ିଶାର ଶିଶୁମାନେ ଲିନ୍‌ଟାଙ୍ଗ ଭଳି ବିପର୍ଯ୍ୟୟ ଭାଗ୍ୟରେ ସମ୍ମୁଖୀନ ହୁଅନ୍ତୁ ନାହିଁ, ଏହାହିଁ କାମନା । ■

# ନିର୍ମାଣ ଶ୍ରମିକ ପିଲାଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ ଟିଏ

ଝାରସୁଗୁଡ଼ା, ନିର୍ମାଣ ଶ୍ରମିକ ପିଲାଙ୍କ ଶିକ୍ଷା ନିମନ୍ତେ ଧରମା ପ୍ରତିଷ୍ଠାନ ପକ୍ଷରୁ ଏକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଛି । ଏହି ବିଦ୍ୟାଳୟ ନିର୍ମାଣ କ୍ଷେତ୍ରରେ ନିଯୁକ୍ତ ଶ୍ରମିକ ପିଲାଙ୍କ ଶିକ୍ଷା ପାଇଁ ଉର୍ଦ୍ଦିଷ୍ଟ । ନିର୍ମାଣ କ୍ଷେତ୍ରର ଶ୍ରମିକ ଯେଉଁମାନେ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟର ଆସବାବପତ୍ର ତିଆରି କଲେ ଅଥଚ ସେହି ବିଦ୍ୟାଳୟରେ ଶ୍ରମିକର ପିଲା ପଢ଼ିପାରିଲା ନାହିଁ । ଏହି କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କର ଖୁବ୍ ଅଳ୍ପ ସମୟ ବ୍ୟବଧାନରେ କାମ ବଦଳୁଥିବାରୁ ମାଲିକ ମଧ୍ୟ ବଦଳି ଯାଇଥାଏ । ପିଲାଙ୍କ ଶିକ୍ଷା ପ୍ରାପ୍ତିରେ ଘୋର ପ୍ରତିବଂଧକ ସୃଷ୍ଟି କରିଥାଏ । ଦେଶାନ୍ତର ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ଶ୍ରୋତରେ ସାମିଲ କରିବା ପାଇଁ ଧରମା ପ୍ରତିଷ୍ଠାନ ଗତ ୩ ବର୍ଷ ହେବ ଲଗାତାର ଉଦ୍ୟମ କରି ଆସୁଛି । ଅଧାରୁ ପାଠଛାଡ଼ି ଦେଇଥିବା ଏହି ପିଲାମାନଙ୍କ ପାଠପଢ଼ାକୁ ଆଖିରେ ରଖି ଓ ସେମାନଙ୍କର ମାନସିକ ସ୍ତରରେ ପରିବର୍ତ୍ତନ ପାଇଁ ଏକ ଶିଶୁ ମହୋତ୍ସବ ଆୟୋଜନ କରାଯାଇଥିଲା । ମହୋତ୍ସବରେ ଏହି ବର୍ଗର ପିଲାମାନଙ୍କୁ ସାମିଲ କରାଯାଇ ସେମାନଙ୍କ ମଧ୍ୟରେ ଥିବା କଳାକୃତି ଓ ପ୍ରତିଭାକୁ ସ୍ୱୀକୃତି ଦେବା ଫଳରେ ପିଲାମାନଙ୍କ ମଧ୍ୟରେ ଆଗ୍ରହ ଓ ଉତ୍ସାହ ବୃଦ୍ଧି ପାଇଥିଲା । ସେହି ପିଲାମାନଙ୍କ ସହ ଆଲୋଚନା କରାଯାଇ ଏପରି ଏକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇ ଅଛି ଯାହା ଅଣସଂଗଠିତ କ୍ଷେତ୍ର ପିଲାଙ୍କ ଶିକ୍ଷାର ବିକାଶ ଘଟିବ । ସେହି ବର୍ଗର ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତକୁ ଆଣିବାରେ ଏହା ସହାୟକ ହେବ ।

ଧରମା ପ୍ରତିଷ୍ଠାନରେ ସ୍କୁଲ ପ୍ରତିଷ୍ଠା ଉଦ୍ୟମ ଶ୍ରମିକ ଓ ଶ୍ରମିକ ପିଲାଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଛି । ସ୍ଥାନୀୟ ସରବେର୍ଣ୍ଣା ଠାରେ ଏହି ବିଦ୍ୟାଳୟକୁ ପରୀକ୍ଷା ମୂଳକ ଭାବରେ ଆରମ୍ଭ କରାଯାଇଛି । ଅନ୍ୟ ଶ୍ରମିକ ବସ୍ତିରେ ମଧ୍ୟ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଧରମା ପ୍ରତିଷ୍ଠାନ ସଂକଳ୍ପବଦ୍ଧ । ୨୨ ଜଣ ଆଦିବାସୀ ପିଲା ଯେଉଁମାନେ ମୁଖ୍ୟତଃ ଶ୍ରେଣୀ କୋଠରୀ ବାହାରେ ବିଭିନ୍ନ ନିର୍ମାଣ କାମରେ ନିୟୋଜିତ ଥିଲେ ସେମାନଙ୍କୁ ପ୍ରଥମ ପଦକ୍ଷେପରେ ଛାତ୍ର ଛାତ୍ରୀ ଭାବରେ ଗ୍ରହଣ କରାଯାଇ ବିଦ୍ୟାଳୟ ଆରମ୍ଭ ହୋଇଛି । ବାସନ୍ତି ମୁଣ୍ଡା ଏହି ବିଦ୍ୟାଳୟର ଶିକ୍ଷୟତ୍ରୀ ଭାବରେ ନିଯୁକ୍ତ ହୋଇଛନ୍ତି । ପାଠ ପଢ଼ା ସହିତ ଖେଳକୁଦ, ନାଚ, ଚିତ୍ରକଳା ଓ ସଂଗୀତ ଉପରେ ଅଧିକ ଧ୍ୟାନ ଦିଆଯିବାକୁ ଲକ୍ଷ ରଖା ଯାଇଛି ।





# ନିର୍ମାଣ ଶିଶୁଙ୍କ କାର୍ଯ୍ୟସ୍ଥଳୀ ପରିବେଶ ଏବଂ ଦେଶାନ୍ତରୀ ଗମନ କରୁଥିବା ଶିଶୁଙ୍କ ସୁରକ୍ଷା

ନିର୍ମାଣ କ୍ଷେତ୍ରରେ ଦେଶରେ ଦୈନିକ ୩୩ ହଜାର ମିଲିୟନରୁ ଅଧିକ ଲୋକ ନିୟୋଜିତ ହୋଇଥାଆନ୍ତି । ଅର୍ଥାତ୍ ଦେଶର କାର୍ଯ୍ୟରତ ଜନସଂଖ୍ୟାର ୧୬ ଭାଗ ଲୋକ ନିର୍ମାଣ ଶିଳ୍ପ କ୍ଷେତ୍ର ଉପରେ ନିର୍ଭର କରି ଜୀବିକା ନିର୍ବାହ କରିଥାନ୍ତି । ଦେଶର ମୋଟ ପୁଞ୍ଜିର ଶତକଡ଼ା ୪୦ ଭାଗ ଅର୍ଥ ଏହି କ୍ଷେତ୍ର ନିମନ୍ତେ ବିନିଯୋଗ ହୋଇ ଆସୁଛି । ଦେଶର ମୋଟ ଘରୋଇ ଉତ୍ପାଦନ (ଜିଡ଼ିପି)କୁ ଏହି କ୍ଷେତ୍ରର ଅବଦାନ ୬ ଭାଗ ରହିଥିବା ବେଳେ ଘରୋଇ ପୁଞ୍ଜି ଗଠନରେ ଏହାର ଅଂଶ ୭୮ ଭାଗରୁ ଅଧିକ । ଆମ ଜାତୀୟ ଆୟର ୨ କୋଟି ଲକ୍ଷ ଟଙ୍କାରୁ ଅଧିକ ନିର୍ମାଣ କ୍ଷେତ୍ରରୁ ସଂଗୃହିତ ହୁଏ । ଆମ ଦେଶ ଭାରତରେ ନିର୍ମାଣ କ୍ଷେତରେ ପ୍ରାୟ ୪ ରୁ ୫ କୋଟି ଲୋକ କାର୍ଯ୍ୟରତ ଥିବାବେଳେ ଓଡ଼ିଶାରେ ଏହି ଶ୍ରମିକମାନଙ୍କ ସଂଖ୍ୟା ୩୫ ଲକ୍ଷରୁ ଅଧିକ । ଦେଶରେ ନିର୍ମାଣ ଶ୍ରମିକ ପିଲାମାନଙ୍କ ସଂଖ୍ୟା ୬ କୋଟିରୁ ଅଧିକ ଆକଳନ କରାଯାଏ । ସବୁଠାରୁ ବିଡ଼ମ୍ବନା ଓ ବିସ୍ମୟର ବିଷୟ ଏହିଯେ ନିର୍ମାଣ କ୍ଷେତ୍ରରେ ନିଯୁକ୍ତ ଶ୍ରମିକ ମାନଙ୍କର ନିର୍ଭର ଯୋଗ୍ୟ ପରିସଂଖ୍ୟାନ ଉପଲବ୍ଧ ନୁହେଁ । ଏହି ଶ୍ରମିକମାନଙ୍କ ମଧ୍ୟରୁ ଏକ ବଡ଼ ଅଂଶ ଆଦିବାସୀ, ଦଳିତ ଓ ପଛୁଆବର୍ଗ ସଂପ୍ରଦାୟର ।

ଏହି ଶ୍ରମିକମାନଙ୍କ ଭିତରୁ ପାଖାପାଖି ଏକ ତୃତୀୟାଂଶ ମହିଳା ଓ ଶିଶୁଙ୍କୁ ଦେଖିବାକୁ ମିଳେ । ନିର୍ମାଣ କ୍ଷେତ୍ରର ଅନେକ ପିଲା ଶିଶୁ ଶ୍ରମିକ ଭାବରେ ବିଭିନ୍ନ କାମ କରିଥାନ୍ତି । ଅନେକ ଶିଶୁ ନିର୍ମାଣ ଚାଲିଥିବା କାର୍ଯ୍ୟସ୍ଥଳି ମଧ୍ୟରେ ନିଜ ପିତାମାତାଙ୍କ ସହ ପ୍ରତିକୂଳ ପରିବେଶରେ ରହିବାକୁ ପଡ଼ିଥାଏ । କାର୍ଯ୍ୟସ୍ଥଳିରେ ଶିକ୍ଷା, ସ୍ୱାସ୍ଥ୍ୟ ସେବା ପାଇବାର ସାମାନ୍ୟ ବ୍ୟବସ୍ଥା ନଥାଏ । ଅଧିକାଂଶ କାର୍ଯ୍ୟସ୍ଥଳିକୁ ଆସୁଥିବା ଶ୍ରମିକର ପିଲାମାନେ ମୁଖ୍ୟତଃ ଦେଶାନ୍ତରୀ ଭାବରେ ଆସିଥାଆନ୍ତି । ଶ୍ରମିକର କାମ ବଦଳିବା ସହ ପିଲାର ଖେଳକୁଦର ସ୍ଥାନ ଓ ସାଙ୍ଗ ସାଥୀ ମଧ୍ୟ ବଦଳିଯାଇଥାଏ । ପିଲାମାନେ ମାନସିକ ଶାରିରୀକ ଭାବରେ ଭାରାକ୍ରାନ୍ତ ହୋଇଥାନ୍ତି । କମ୍ ସମୟ ବ୍ୟବଧାନରେ ଶ୍ରମିକର ମାଲିକ ଯେପରି ବଦଳିଥାଏ ପିଲାଙ୍କ ସାଙ୍ଗ ସାଥୀ ମଧ୍ୟ ବଦଳିଯାଇଥାଏ । ନୂତନ ସ୍ଥାନରେ ସାଙ୍ଗ ସାଥୀ ଯୋଗାଡ଼ କରିବା ପିଲାମାନଙ୍କ ପାଇଁ ଯେପରି ଆବଶ୍ୟକ ସେପରି ଅପରିହାର୍ଯ୍ୟ । ବାପା ମାଆ କାର୍ଯ୍ୟସ୍ଥଳୀକୁ ଚାଲିଗଲା ପରେ ପିଲାମାନେ ଏକାକୀ ହୋଇ ପଡ଼ିବା ସହ ହତାଦର ହୋଇଥାଆନ୍ତି । କାମରୁ ପିତା ମାତା ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରି ରହିଥାନ୍ତି ।

କମ୍ ବୟସରୁ ବାପା ମାଆଙ୍କ ସହ ଚାଲିଯିବା କାରଣରୁ ହୋଇଥାଏ ପାଠ ତାର ଠପ ହୋଇଯାଏ । ନୂଆ ବିଦ୍ୟାଳୟ ଖୋଜି ବାହାର କରିବା ଓ ସେଠାରେ ପାଠ ପଢ଼ିବା ତା ପାଇଁ ଆଉ ପ୍ରାୟ ସମ୍ଭବ ହୋଇ ନଥାଏ । ପିତାମାତା ଯେତେବେଳେ ପଢ଼ାଇ ନପାରେ ବାଧ ହୋଇ ସେ ପିଲାଙ୍କୁ କରୁଥିବା କାମ ସହ ସାମିଲ କରିନେଇଥାଏ । ପିଲାଙ୍କ ମଧ୍ୟରେ ଯେଉଁ ସୃଜନଶୀଳତା ଯଥା ନାଚ, ଗୀତ, ଚିତ୍ରକଳା ଓ ଖେଳର ପ୍ରତିଭା ରହିଛି ତାହାର ବିକାଶ ନହୋଇ ମରିଯାଇଥାଏ । ତାର ପାଠ ବନ୍ଦ ହେବା ସହ ସାଠ ମଧ୍ୟ ବନ୍ଦ ହୋଇଯାଇଥାଏ । ଅଧାରୁ ଶ୍ରେଣୀ କୋଠରୀ ଛାଡ଼ି ଚାଲିଯାଉଥିବା ପିଲାଙ୍କୁ ଶ୍ରେଣୀ କୋଠରୀକୁ ଫେରାଇ ଆଣିବାର ଆବଶ୍ୟକତା ଜରୁରୀ । ଶିକ୍ଷା ଅଧିକାର ଆଇନ ୨୦୦୯ ଏହି ପିଲାଙ୍କୁ ଠାବ କରି ଶ୍ରେଣୀ କୋଠରିକୁ ଫେରାଇ ଆଣିବାର ଉଦ୍ୟମ ଅଦ୍ୟାବଧି ସମ୍ଭବ ହୋଇପାରି ନାହିଁ । ନିର୍ମାଣ ଶ୍ରମିକ ପିଲାମାନଙ୍କ ଉପରେ ସଂଗଠିତ ଏକ ଅଧ୍ୟୟନ ଅନୁସାରେ ୨୧ ଭାଗ ଶିଶୁ ପୁଷ୍ଟିହୀନତାର ଶିକାର ହୋଇଥିବାବେଳେ ନିର୍ମାଣ କାର୍ଯ୍ୟସ୍ଥଳ ମାନଙ୍କରେ ଶତକଡ଼ା ୭୦ ଭାଗ ପିଲା କୁପୋଷଣରେ ଶିକାର ହୋଇଥାଆନ୍ତି । ଏହି ପିଲାମାନଙ୍କର ପିତାମାତା ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ବିଭିନ୍ନ ନିର୍ମାଣ କାମରେ ନିୟୋଜିତ ରହିବା କାରଣରୁ ଏହି ପିଲାମାନଙ୍କୁ ଉପଯୁକ୍ତ ଖାଦ୍ୟ ପେୟ, ଚିକିତ୍ସା ଓ ଯତ୍ନ ନେଇ ପାରିନଥାଆନ୍ତି । ଆଇନ ଅନୁଯାୟୀ ଶିଳ୍ପ ସଂସ୍ଥା ପ୍ରତି ୩୦ ଜଣ ମହିଳା ଶ୍ରମିକ କାମ କରୁଥିବା କାର୍ଯ୍ୟସ୍ଥଳିରେ କ୍ରେଚର (ଉତ୍କରମଷ) ବ୍ୟବସ୍ଥା ରହିବାର ନିୟମ ରହିଛି ମାତ୍ର ଠିକାଦାର ବା ମାଲିକମାନେ ଏସବୁକୁ ଆଦୌ ଧ୍ୟାନଦେଇ ନଥାନ୍ତି । ଶ୍ରମ ବିଭାଗ ଏହି କ୍ଷେତ୍ରରେ କୌଣସି ପଦକ୍ଷେପ ନେଇ ନାହାନ୍ତି । ଦ୍ୱିତୀୟ ଜାତୀୟ ଶ୍ରମ ଆୟୋଗ ତାଙ୍କ ରିପୋର୍ଟରେ ଏହି କ୍ଷେତ୍ରର ଶିଶୁ ଶ୍ରମିକ ଓ ଗୋତି ପ୍ରଥାର ଅବସ୍ଥିତି ବିଷୟରେ ଆଲୋଚନା କରି ଉପାଦେୟ ସୁପାରିସ ମାନ କରିଥିଲେ ।

**କାର୍ଯ୍ୟସ୍ଥଳି ପରିବେଶ:**

ଆନ୍ତର୍ଜାତୀୟ ସେବା ସଂସ୍ଥା ଏଡ଼େଡ଼ ଆକ୍ସନ ୪୨୩ ଗୋଟି କାର୍ଯ୍ୟସ୍ଥଳିରେ ସର୍ଭେ କରିବା ପରେ ଜାଣିବାକୁ ମିଳିଲା ୨୩୨ ଗୋଟିରେ ଶିଶୁମାନଙ୍କ ପାଇଁ କୌଣସି ପ୍ରକାର ପ୍ରାଥମିକ ସୁରକ୍ଷା ଓ ସହାୟତା ବ୍ୟବସ୍ଥା ନାହିଁ, ଯାହା ଦୁର୍ଘଟଣା ବା ଜ୍ୱର ସମୟରେ ଶିଶୁମାନଙ୍କୁ ଯୋଗାଇ ଦିଆଯାଇ ପାରିବ । ୬୮ ଗୋଟି ନିର୍ମାଣ କାର୍ଯ୍ୟସ୍ଥଳିରେ କୁହନ୍ତି ପିଲାମାନଙ୍କ କୌଣସି ପ୍ରାଥମିକ ଚିକିତ୍ସା ସହାୟତା ମିଳେ ନାହିଁ । ଯେଉଁ ଅଳ୍ପ କେତୋଟି ସ୍ଥାନରେ ଏହି ସୁବିଧା ରହିଛି ତାହା ଅକାମୀ ବା ଠିକ ଭାବରେ କାର୍ଯ୍ୟକାରୀ କରାଯାଉ ନାହିଁ । ଦୁର୍ଘଟଣା ସମୟରେ ଏହା କୌଣସି କାମରେ ଆସୁନାହିଁ । ଏବଂ ଏକଥା ମଧ୍ୟ ଦେଖିବାକୁ ମିଳିଲା ଯେଉଁ ଔଷଧ ରଖାଯାଇଛି ତାହା କାର୍ଯ୍ୟକ୍ଷମ ନୁହେଁ ।

ଶ୍ରମିକମାନଙ୍କର ଅଧିକାଂଶ କାର୍ଯ୍ୟସ୍ଥଳି ଅତ୍ୟନ୍ତ ନୈରାଶ୍ୟଜନକ ଓ ହୃଦୟସ୍ପର୍ଶୀ ଅଟେ । କାର୍ଯ୍ୟସ୍ଥଳୀର ଚତୁଃପାର୍ଶ ସଂପୂର୍ଣ୍ଣ ଧୂଆଁଳିଆ, ଧୂଳିଧୂସର ଏବଂ ଏହି ପିଲାମାନେ ନିଃଶ୍ୱାସ ପ୍ରଶ୍ୱାସ ନେଲାବେଳେ ଏହାକୁ ନେଇଥାଆନ୍ତି । ସହରତଳି ଅଂଚଳରେ ୧୦ କିମି ଦୂରତା ମଧ୍ୟରେ ରହିଥିବା ପଥର କୋରି ଗୁଡ଼ିକ ମଧ୍ୟ ବହୁ ପରିମାଣରେ ପ୍ରଦୂଷଣ କରିଥାଆନ୍ତି ।

ଏହି ସର୍ଭେରୁ ଜଣା ପଡ଼ିଛି କାର୍ଯ୍ୟସ୍ଥଳିରେ ରହୁଥିବା ଦୁଇତୃତୀୟାଂଶ ପରିବାର ନଳକୂପରୁ ପାଣି ପାଇଥାଆନ୍ତି । ୧୯ ଶତାଂଶ ପରିବାର ପାନୀୟଜଳ ଖୋଲା ପୋଖରୀରୁ ଆଣି ଥାଆନ୍ତି ଏବଂ ୪ ଭାଗ ପରିବାର ସଂପୂର୍ଣ୍ଣ ଅସସ୍ୱାସ୍ଥ୍ୟକର ପରିବେଶ ମଧ୍ୟରୁ ସଂଗ୍ରହ କରିଥାଆନ୍ତି । ମାତ୍ର ୩ ଶତାଂଶ ପରିବାର ସରକାରଙ୍କ ଦ୍ୱାରା ପାଇପ ଯୋଗାଇ ଦିଆଯାଇଥିବା ପାଣି ବ୍ୟବହାର କରିଥାଆନ୍ତି । ପଥର କ୍ରସର ଦ୍ୱାରା ଅଧିକାଂଶ ଜଳ ପ୍ରଦୂଷିତ ହୋଇଥିବା ପାଣିକୁ ବ୍ୟବହାର କରିବାକୁ ହୋଇଥାଏ । ପରିମଳ ବ୍ୟବସ୍ଥା: କାର୍ଯ୍ୟସ୍ଥଳୀରେ ବସବାସ କରୁଥିବା ଏହି ଶିଶୁମାନେ ପରିମଳରେ ବହୁ ଅସୁବିଧାରେ ସମ୍ମୁଖିନ ହୋଇ ଥାଆନ୍ତି । ୯୯ ଶତାଂଶ ପରିବାର କହନ୍ତି କାର୍ଯ୍ୟସ୍ଥଳୀରେ ଶୌଚାଳୟ ବ୍ୟବସ୍ଥା ନଥାଏ । ଭାରତରେ ହଜାର ହଜାର ଶିଶୁମାନେ ସ୍ଥାନାନ୍ତରୀତ ହେଉଥିବା କାରଣରୁ ଶିଶୁର ମୌଳିକ ଅଧିକାର, ସୁରକ୍ଷା ପାଇବାର ଅଧିକାର, ଅଂଶ ଗ୍ରହଣ କରିବାର ଅଧିକାର ଓ ବିକାଶର ଅଧିକାରରୁ ବଂଚିତ ହେବା ସହ ଶିଶୁ ବିକାଶ କାର୍ଯ୍ୟକ୍ରମରୁ ବାଦ ପଡ଼ିଥାଆନ୍ତି । ଶିଶୁର ଶାରିରୀକ, ମାନସିକ ସ୍ଥିତି ଉପରେ ଦେଶାନ୍ତରିତ ହେଉଥିବା ପିଲାମାନଙ୍କ ଉପରେ କେଉଁ ପ୍ରଭାବ ପଡ଼ିଥାଏ ତାହା କ୍ୱିଚିତ ଆଲୋଚନା ହୋଇଥାଏ । ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର ଓ ବରଗଡ଼ ଅଞ୍ଚଳରୁ କେତେ ସଂଖ୍ୟାର ଶିଶୁ ଦେଶାନ୍ତର ହେଲେ ଏବଂ ନିଜର ବାସସ୍ଥାନ ପରିବର୍ତ୍ତନ କଲେ ତାହାର ହିସାବ କରିବା ସହଜ ସାଧ୍ୟ ନୁହେଁ । ଭାରତରେ ଦେଶାନ୍ତର ଶ୍ରମିକ ମାନଙ୍କର ଅବସ୍ଥିତି ମୁଖ୍ୟତଃ କମ୍ ବିକାଶ ହୋଇଥିବା ଅଂଚଳରୁ ବିକଶିତ ହୋଇଥିବା ଅଂଚଳକୁ କାମ ନିମନ୍ତେ ଯାଇଥାଆନ୍ତି । କାର୍ଯ୍ୟବସ୍ଥାରୁ ଦାରିଦ୍ର୍ୟକୁ ସାମ୍ନା କରୁଥିବା ଶିଶୁମାନଙ୍କ ଶାରିରୀକ ଓ ମାନସ୍ଥାତିକ ଉପରେ ପ୍ରତିମୂଳ ପ୍ରଭାବ ପକାଇଥାଏ । କୋମଳ ବୟସର ଶିଶୁମାନେ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିବା ଫଳରେ ସେମାନଙ୍କର ଶାରିରୀକ ବୃଦ୍ଧି ବାଧା ପ୍ରାପ୍ତ ହୋଇଥାଏ ।

ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ କୋଷ (ବୋର୍ଡ଼) ଓ ଏହି ପିଲାଙ୍କ ବିକାଶ ନିର୍ମାଣ ଶ୍ରମିକ ମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇଦେବା ନିମନ୍ତେ ୧୯୯୬ ମସିହାରେ କେନ୍ଦ୍ରୀୟ ଆଇନ ପ୍ରଣୟନ ହୋଇଥିଲେ ମଧ୍ୟ ଓଡ଼ିଶାରେ ଏହାକୁ ୨୦୦୮ ମସିହାରେ କାର୍ଯ୍ୟକାରୀ କରାଗଲା । ଉଦ୍ଦେଶ୍ୟ ଥିଲା ନିର୍ମାଣ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟକରୁଥିବା ଶ୍ରମିକମାନଙ୍କୁ ନିଯୁକ୍ତିରେ ନିରାପତ୍ତା ଓ ବୃତ୍ତିରେ ସୁରକ୍ଷା ଦେବାସହ ସେମାନଙ୍କର ପିଲାମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ଯୋଗାଇଦେବା । ମାତ୍ର ବିଡ଼ମ୍ବନାର କଥା ୨୦୦୮ ମସିହାରୁ ଗଠିତ ଏହି ନିର୍ମାଣ ଶ୍ରମିକ କଲ୍ୟାଣ କୋଷ ପାଖରେ ନିର୍ମାଣ କ୍ଷେତ୍ରରେ କେତେ ଶ୍ରମିକ ଓ ଶ୍ରମିକ ପିଲା କାର୍ଯ୍ୟ କରୁଛନ୍ତି, ସେହି ତଥ୍ୟ ଉପଲବଧ ନୁହେଁ । ବହୁ ବିଳମ୍ବରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ପିଲାମାନଙ୍କ ପାଇଁ ବୃତ୍ତି ସହାୟତା କରାଯାଇଛି । ନିର୍ମାଣ କ୍ଷେତ୍ର ଶ୍ରମିକ ପିଲାମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କଲ୍ୟାଣ କୋଷ ଅଦ୍ୟାବଧି କରି ନାହିଁ । ଏହି ସହାୟତା ନିୟୋଜିତ ଶିଶୁମାନଙ୍କୁ ପୁଣି ଥରେ ଶିକ୍ଷାର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବାର କୌଣସି ପ୍ରଚେଷ୍ଟା କରାଯାଇନାହିଁ । ଓଡ଼ିଶା କଲ୍ୟାଣ କୋଷରେ ଅଦ୍ୟାବିଧି ୧୫୦୦(ପନ୍ଦର ଶତ କୋଟି) ଅର୍ଥ ଗଚ୍ଛିତ ରହିଛି ଓ ଆହୁରି ସେସ୍ ଆକାରରେ ଅର୍ଥ ଆଦାୟ ଚାଲଛି । ଦୁଃଭାଗ୍ୟର ବିଷୟ ଏହି ଯେ ବହୁ ଅଣଶ୍ରମିକ, ଅଣନିର୍ମାଣ ଶ୍ରମିକ କଲ୍ୟାଣ କୋଷର ହିତାଧିକାରୀ ହୋଇ ଚଞ୍ଚକତା କରି ବହୁ ଅର୍ଥ ଅଣ ଶ୍ରମିକ ପିଲାମାନେ ହାତେଇ ନେଉଥିବାର ଦେଖାଯାଉଛି । ଏଠାରେ ସୂଚନା ଯୋଗ୍ୟ ୨୦୧୫-୧୬ ଆର୍ଥିକ ବର୍ଷରେ ଟ. ୬୪୨୪ ଜଣ ପିଲାଙ୍କୁ ମୋଟ ୩,୫୪,୬୬୦୦୦ ଅର୍ଥ ପ୍ରଦାନ କରାଯାଇଛି । ସେହିପରି ୨୦୧୬-୧୭ ଆର୍ଥିକ ବର୍ଷରେ ମୋଟ ୨୩,୬୦୬ ପିଲାଙ୍କୁ ୧୩ କୋଟି ୨୧ ଲକ୍ଷ ଅର୍ଥ ପ୍ରଦାନ କରାଯାଇଛି । ଆଦିବାସୀ ବହୁଳ ଜିଲ୍ଲା ମାନଙ୍କରେ ଏହି ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରୟାସ କରାଯିବାର ଆବଶ୍ୟକତା ରହିଛି । ହଜାର ହଜାର ଛାତ୍ର ଛାତ୍ରୀଙ୍କର ଦରଖାସ୍ତ ବିଭିନ୍ନ ଜିଲ୍ଲା ଶ୍ରମ ଅଧିକାରୀଙ୍କ ପାଖରେ ବର୍ଷ ବର୍ଷ ଧରି ପଡ଼ିରହୁଛି । ଶିକ୍ଷା ସମାପ୍ତି ପରେ ଏହି ଅର୍ଥ ମଧ୍ୟ ସଂପୃକ୍ତ ଛାତ୍ର ଛାତ୍ରୀଙ୍କୁ ଉପଲବ୍ଧ ନ ହେବା କାରଣରୁ ସେମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଏହି ଛାତ୍ରବୃତ୍ତି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଉପଲବ୍ଧ ଧାର୍ଯ୍ୟ କରାଯିବାକୁ ଧରମା ପ୍ରତିଷ୍ଠାନ ଦାବି କରୁଛି ।

# ନିର୍ମାଣ ଶ୍ରମିକଙ୍କ ସନ୍ତାନ ସନ୍ତତି- ଶିକ୍ଷା ପ୍ରାପ୍ତିରେ ସାମ୍ବିଧାନିକ ଅଧିକାର- ସମସ୍ୟା, ପ୍ରତିବନ୍ଧକ ଓ ଆହ୍ୱାନ ।

ଡଃ ଲକ୍ଷ୍ମୀଧର ମିଶ୍ର
ଅଧ୍ୟକ୍ଷ
ଧରମା ଫାଉଣ୍ଡେସନ
ନୂଆ ଦିଲ୍ଲୀ-୯୬

ପ୍ରାରମ୍ଭରୁ ସୌଧ ଓ ନିର୍ମାଣ ପରିସରରେ ନିଯୁକ୍ତ ଶ୍ରମିକ, ଯେଉଁ ମାନଙ୍କ ସଂଖ୍ୟା ସଂପ୍ରତି ୪୫ ନିୟୁତ ବା ୪ କୋଟି ୫୦ ଲକ୍ଷରୁ ଅଧିକ । ଦେଶ ଓ ଦେଶର ଆସବାବପତ୍ର ନିର୍ମାଣରେ ସେମାନଙ୍କର ଏକ ପ୍ରମୁଖ ଭୂମିକା ରହିଛି । ସେମାନଙ୍କ ବଳିଷ୍ଠ ଅବଦାନକୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଆଧୁନିକ ଭାରତର ମନ୍ଦିର ନିର୍ମାଣ ସହିତ ସମାନ ବୋଲି କହିଥିଲେ । ହୀରାକୁଦ ବନ୍ଧ ହେଉ ବା ଭାକ୍ରାନଙ୍ଗଲ, ରାଷ୍ଟ୍ରୀୟ ତାପଜ ବିଦ୍ୟୁତ୍ କେନ୍ଦ୍ର(ଏନ୍.ଟି.ପି.ସି) ହେଉ ବା ଡ଼ିଭିସି, ବହୁମୁଖୀ ଜଳ ବିଦ୍ୟୁତ୍ ପ୍ରକଳ୍ପ କିମ୍ବା ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ହେଉ ଅଥବା ରାଉରକେଲା, ଜାମସେଦପୁର, ଦୁର୍ଗାପୁର, ଭିଲାଇ ଓ ବୋକାରୋର ଇସ୍ପାତ କାରଖାନା, ବିଭିନ୍ନ ସ୍ଥାନରେ ସିମେଣ୍ଟ ଓ ସାର କାରଖାନା, ଲୁଗା କଳ ଓ ଜାହାଜ ତିଆରି କାରଖାନା ହେଉ, ଏହି ଐତିହାସିକ ଉକ୍ତି ସର୍ବଦା ଓ ସର୍ବଥା ସ୍ମରଣୀୟ ରହିବ । ଆଧୁନିକ ନିର୍ମାଣ ଓ ବିକାଶର ବହୁ ଉତ୍ତୁଙ୍ଗ ଉଦ୍ୟୋଗଗୁଡ଼ିକୁ ଗଢ଼ିଛନ୍ତି । ଲକ୍ଷ ଲକ୍ଷ ଶ୍ରମିକ ସେମାନଙ୍କର ସ୍ୱେଦ ଓ ଲହୁ ଦେଇ କିନ୍ତୁ ସେମାନେ ରହିଛନ୍ତି ପୂର୍ବପରି ଅବହେଳିତ, ଅପାଂକ୍ତେୟ, ନିପୀଡ଼ିତ, ନିଃସ୍ୱ । ଖଣିଖାଦାନ ଠାରୁ ବିପଦପୂର୍ଣ୍ଣ ବହୁ କାରଖାନା ନିର୍ମାଣ ଯାଏ ନିଜର ରକ୍ତ, ସ୍ୱେଦ ଏପରିକି ଜୀବନକୁ ପାଣି ଛଡ଼େଇ ସେମାନେ ଠିଆ କରାଉଛନ୍ତି ଆଧୁନିକ ଭାରତ, ମାତ୍ର ନିଯୁକ୍ତି ଓ ଉପାର୍ଜନରେ ରହିଛନ୍ତି ଅସ୍ଥାୟୀ, ଅପାଂକ୍ତେୟ ଓ ନଗଣ୍ୟ । ସଡ଼କ, ସେତୁ, ଉଦ୍ୟୋଗ ନିର୍ମାଣ ଯାଏ ଏମାନେ ମଝି ମଝିକିଆ ଦଲାଲଙ୍କ ଶୋଷଣର ଶିକାର; ଆନ୍ତଃ ଜିଲ୍ଲା ଓ ଆନ୍ତଃ ରାଜ୍ୟ ଦେଶାନ୍ତରୀ, ଭୂମିହୀନ, ସ୍ୱଳ୍ପ ମଜୁରୀ ଓ ଅସ୍ଥାୟୀ ବାସ ରହଣୀର ଖଟିଖିଆ ନିଷ୍ପେସିତ ମଣିଷ । ଏମାନଙ୍କ ପିଲାମାନେ ମଧ୍ୟ ତଦନୁରୂପ ଅବହେଳିତ, ସେମାନଙ୍କର ସାମ୍ବିଧାନିକ ଓ ଆଇନାନୁମୋଦିତ ଅଧିକାରରୁ ବଞ୍ଚିତ ।

ଶିଶୁମାନେ ହେଉଛନ୍ତି ଆମ ଘରର ସତେଜ ଓ ସୁବାସିତ ଫୁଲ- ସ୍ରଷ୍ଟାଙ୍କର ଏହା ହେଉଛି ସବୁଠାରୁ ମୂଲ୍ୟବାନ ଉପହାର । ଆମର ସବୁଠୁଁ ମହାର୍ଘ ସଂପଦ ତଥା ଆଗାମୀ ପିଢ଼ିର ଅତୁଳନୀୟ ସଂପତ୍ତି । ସେମାନେ ହେଉଛନ୍ତି ସରଳ, ନିଷ୍ପାପ, ନିଷ୍କପଟ, ନିଷ୍ଠାବାନ୍ ସଙ୍କୋଚ ତଥା ନିଖୁଣ ଚରିତ୍ରବତ୍ତାର ପ୍ରତୀକ ଦେବଶିଶୁ । ମାନବିକ ବିକାଶର ଅତ୍ୟନ୍ତ ସୁଠାମ, ନିର୍ମାଣମୁଖୀ ଓ ପ୍ରେରଣାପ୍ରଦ ବୟସକୁ ତାହା ଧାରଣ କରିଥାଏ । ଏହି ବୟସ ହେଉଛି ଗୀତ, ନାଚ, ଖେଳକୁଦ, ଚିତ୍ରାଙ୍କନ ଓ ଅଭିନୟର କଅଁଳ ବୟସ । ଶିଶୁଟିଏ ଏଇ ବୟସରେ ସମାଜରୁ ଭଲକଥାମାନ ଆହରଣ କରିଥାଏ, ତା'ପାଖରେ ଛଦ୍ମତା, ଆତ୍ମକୈନ୍ଦ୍ରିକତା, ହିଂସା ଓ ଶଠତା ନ ଥାଏ ।

ସେ ଜୀବନ ଧାରଣର ରଣକୌଶଳ, ଭାବ ଆଦାନ ପ୍ରଦାନର କୌଶଳ, ନେତୃତ୍ୱ ନେବାର ଅବବୋଧ, ସରଳ ସୃଜନାତ୍ମକ ଗୁଣାବଳୀମାନଙ୍କୁ ଏହି ବୟସରୁ ଆହରଣ କରିଥାଏ । ଏ ବୟସରେ ସେ କଠିନ କାମ କରିବାକୁ ପ୍ରେରିତ ହେବା ଅର୍ଥ ସମାଜର ଏକ ବିକାଶମୁଖୀ, ଗଠନଶୀଳ ପ୍ରତିଭାରେ ଭଟ୍ଟା ପଡ଼ିବା ଏବଂ ଶିଶୁଟିର କୋମଳ ଶାରିରୀକ ସାମର୍ଥ୍ୟରେ ବାଧତାମୂଳକ ବାଧା ଆଣିବା । ଏଥିପାଇଁ ୧୯୮୯ ରେ ଗୃହୀତ ଜାତିସଂଘର ସାଧାରଣ ପରିଷଦରେ ଶିଶୁର ଅଧିକାର ନେଇ ବହୁବିଧ ଓ ବିସ୍ତୃତ ଆଇନ୍ ରହିଛି । ଯାହାକୁ ୧୯୯୨ ମସିହାରେ ଆମ ସରକାର ସ୍ୱୀକୃତି ଦେଇ ସାରିଛନ୍ତି । ଏହାର ଉଲଙ୍ଘନ ଏକ ଅକ୍ଷମଣୀୟ ଅପରାଧ । ଶିଶୁଟିଏ ନିଜସ୍ୱ ଢ଼ଙ୍ଗରେ, ସ୍ୱାଧୀନ ଭାବେ ଏସବୁ ଅଧିକାରମାନଙ୍କୁ ବୁଝି ସଚେତନ ରହିବା ଏବଂ ସ୍ୱୟଂ ସଂପୂର୍ଣ୍ଣ ହେବା ସମ୍ଭବ ନୁହେଁ । ଏଥିପାଇଁ ଆମ ବୃହତ୍ତର ସମାଜ ସମସ୍ତ ସମ୍ବେଦନା ସହ ତା'ପାଖରେ ଛିଡ଼ା ହେବା ଓ ବାଟ କଢ଼େଇ ନେବା ଅତ୍ୟନ୍ତ ଦରକାର । ଶିଶୁଟିର ପ୍ରାଥମିକ ଶିକ୍ଷା ଓ ପରିବର୍ତ୍ତନ ପାଇଁ ସରକାରଙ୍କ ବ୍ୟତୀତ ଅନ୍ୟ କୌଣସି ସ୍ୱେଚ୍ଛାସେବୀ ସଂଗଠନ କି ବଜାର ଶକ୍ତି ତାହା କରି ପାରିବ ନାହିଁ । ଏ ଦିଗରେ ସରକାରଙ୍କ ଦାୟିତ୍ୱ ଓ ସହଭାଗିତା ସର୍ବଥା ସ୍ୱୀକାର୍ଯ୍ୟ ।

**ନିର୍ମାଣ ପରିସରର ଶିଶୁମାନେ ନିମ୍ନ ପ୍ରକାର ବିଭାଜିତ ଓ ଅନ୍ତର୍ଭୁକ୍ତ:**

୧. ପିତାମାତା କାମ ସନ୍ଧାନରେ ପରିବ୍ରାଜନ (ମାଇଗ୍ରେସନ)ରେ ବାହାରକୁ ଚାଲିଯିବା ପରେ ତାଙ୍କ ସହିତ ବାହାରକୁ ନଯାଇ ଯେଉଁ ଶିଶୁଟି ଘରେ ରହେ, ସ୍କୁଲରେ ତା'ର ନାମ ଲେଖା ହୋଇଥିବା ସତ୍ତ୍ୱେ ସେ ସ୍କୁଲକୁ ନଯାଇ ଘରେ ରହି ଛୋଟ ଛୋଟ ଭାଇଭଉଣୀଙ୍କ ଯତ୍ନ ନିଏ ଓ ଦେଖାଦେଖି କରେ ।

୨. ଯେଉଁ ଶିଶୁର ନାମ ଆଦୌ ସ୍କୁଲରେ ଲେଖା ହୋଇ ନାହିଁ ।

୩. ପିଲାଟି ସ୍କୁଲରେ ନାମାଙ୍କିତ ହୋଇଥିବା ସତ୍ତ୍ୱେ ମାତ୍ର ବିଭିନ୍ନ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ କାରଣରୁ ସେ ସ୍କୁଲ ନଯାଇ ଘରେ ବସିରହେ ।

୪. ପିତାମାତାଙ୍କ ସହ ଦେଶାନ୍ତରୀ ହୋଇ ଅନ୍ୟସ୍ଥାନକୁ ଶିଶୁଟିଏ ଯାଏ ମାତ୍ର ସେଠାରେ ଥିବା ସ୍କୁଲରେ ପଢ଼ିପାରେ ନାହିଁ ।

ସ୍କୁଲ ପୁଣି ବିଭିନ୍ନ ପ୍ରକାରର ରହିଛି- ସରକାରୀ, ବେସରକାରୀ, ଗ୍ରାମ୍ୟ ପରିଚାଳନାର ଆର୍ଥିକ ସାହାଯ୍ୟ ପ୍ରାପ୍ତ ଓ କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରମୁଖ । ଅନେକ ଘରୋଇ ବିଦ୍ୟାଳୟ ସଂପ୍ରତି ମୁଣ୍ଡ ଟେକି ଉଠିଛି ଯେଉଁଗୁଡ଼ିକ ସଂପୂର୍ଣ୍ଣ ବ୍ୟବସାୟିକ ଓ ସେଠାରେ ପଢ଼ିବା ଅତ୍ୟନ୍ତ ବ୍ୟୟ ବହୁଳ ଯାହା ଦେଶାନ୍ତର ହେଉଥିବା ଶ୍ରମିକର ସାଧ୍ୟାତୀତ । ଏ ପରିସ୍ଥିତିରେ ଆମେ କିପରି ଶିଶୁମାନଙ୍କର ଶତକଡ଼ା ଶହେ ଭାଗ ବିଦ୍ୟାଳୟରେ ଯୋଗଦାନ କରାଇବା, ଶିଶୁଟି ବିଦ୍ୟାଳୟର ସମସ୍ତ କାର୍ଯ୍ୟକ୍ରମରେ ସହଭାଗୀ ହେବ ଏବଂ ମାତୃଭାଷା, ଗଣିତ, ସାମାଜିକ ବିଜ୍ଞାନ ଓ ପ୍ରକୃତି ପରିବେଶର ସୁରକ୍ଷା ସଂପର୍କୀୟ ଯଥାର୍ଥ ଜ୍ଞାନ ହାସଲକୁ ନିଶ୍ଚିତ କରାଇପାରିବା । ଏହା ହେଉଛି ଆମ ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଓ ଆହ୍ୱାନ । ଏହା ବାହାରେ ଶ୍ରମିକଟି ଦେଶାନ୍ତର ଦ୍ୱାରା ଶିଶୁ ମଧ୍ୟ ନିଜ ଜନ୍ମସ୍ଥାନରୁ ବିଚ୍ୟୁତ ହୋଇଥାଏ, ଜନ୍ମ ସ୍ଥାନ କି ଗ୍ରାମରେ ସ୍ୱାଭାବିକ ଭାବେ ରହିଥିବା ପରିବେଷ୍ଟନୀ ନୂଆ କର୍ମ ସ୍ଥଳୀରେ ବଦଳିଯାଏ ଏବଂ ତା'ର ପୁନଃ ଆନୟନ ବଡ଼ ଦୁଷ୍କର; ନୂଆ ସ୍ଥାନରେ ମଜୁରୀର ସ୍ଥିରତା ନଥିବାରୁ ଶିଶୁଟିର ପରିପୁଷ୍ଟ ଆହାର, ଶୁଦ୍ଧ ପାନୀୟ ଜଳ, ଯଥାଯଥ ପରିମଳ ବ୍ୟବସ୍ଥା, ଏପରିକି ପରିବେଶଗତ ସୁସ୍ଥତାରୁ ସେ ବଞ୍ଚିତ ହୁଏ । ସେ କାର୍ଯ୍ୟସ୍ଥଳରେ ଯଥାର୍ଥ ଶିକ୍ଷାଦାନ ଓ ସ୍ୱାସ୍ଥ୍ୟସେବା କଥା



**ଅଧାରୁ ପାଠ ଛାଡ଼ିଥିବା ନିର୍ମାଣ ଶ୍ରମିକ ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଅଧିକାର ସମ୍ପର୍କରେ ସଚେତନତା ନିମନ୍ତେ ପ୍ରୟାସ**

ବୁଝିବ କିଏ ? ଶିଶୁଟିର ଖେଳକୁଦ କରିବା ପାଇଁ ନୂଆ ସ୍ଥାନରେ ବ୍ୟାପକ ଖୋଲାସ୍ଥାନ, ନିରାପଦ ପରିବେଶ ନଥାଏ । ନଥାନ୍ତି ଅନ୍ତରଙ୍ଗ ସାଙ୍ଗସାଥି ଓ ଶୁଭେଚ୍ଛୁ ପଡ଼ୋଶୀ ବୃନ୍ଦ । ସୁତରାଂ ସେଠାରେ ନଷ୍ଟ ହୋଇଯାଏ ନମନୀୟ ଶୈଶବ, ସୃଜନଶୀଳ ସଂବର୍ଦ୍ଧନ; ନିର୍ମାଣମୁଖୀ, କଳ୍ପନା ପ୍ରବଣ, ଖେଳକୁଦର ପିଲାଦିନ । ବରଂ ନୂଆ କଳକାରଖାନା, ଖଣି ଖାଦାନରେ କୋଳାହଳମୟ ସ୍ଥାନରେ ପ୍ରଦୂଷିତ ବାୟୁ, ଅସୁରକ୍ଷିତ ଜଳ ଓ କୁପୋଷଣକାରୀ ଆହାର, ସ୍ୱାସ୍ଥ୍ୟ ସେବାର ଅଭାବ ଆଣିଥାଏ ନୂଆ ପ୍ରକାର ଶ୍ୱାସଗତ ଓ ଉଦରବ୍ୟାଧି । ପିତାମାତାଙ୍କ ଦାରିଦ୍ର୍ୟ ଓ ଅର୍ଥାଭାବ ଲାଗି ଚିକିତ୍ସାରେ ଅବହେଳା ହୁଏ । ଶିଶୁଟିଏ ସ୍ୱାଭାବିକ ବିକାସ ପ୍ରକ୍ରିୟାରୁ ବଞ୍ଚିତ ହୋଇ ଶରୀର ଓ ମନରେ ପାଲଟିଯାଏ ରୁଗ୍ଣ ଓ ସୃଜନହୀନ । ଫୁଲଟିଏ ପାଖୁଡ଼ା ମେଲାଇ ଫୁଟିବା ଆଗରୁ ପ୍ରତିକୂଳ ପରିସ୍ଥିତିରେ ମଉଳିଯାଏ, ଝରିପଡ଼େ । ଶୈଶବଟି ଥରେ ଚାଲିଗଲେ ବା ନଷ୍ଟ ହୋଇଗଲେ, ତାକୁ ଫେରାଇ ଆଣିବା ଆଉ ସମ୍ଭବ ହୋଇନଥାଏ ।

**ନୂଆ ସ୍ଥାନର ଭିନ୍ନ ମାନସିକତା:**

ଦେଶାନ୍ତର ଗମନ କରୁଥିବା ଶ୍ରମିକଟି ଦେଶ ଭିତରେ ଅନ୍ୟ ସ୍ଥାନକୁ କର୍ମ ନିଯୁକ୍ତି କାରଣରୁ ଯାଇଥିବାବେଳେ ସେଠାରେ ଜନ୍ମସ୍ଥାନର ସୁବିଧା ସୁଯୋଗ ଓ ଅନ୍ତରଙ୍ଗତାରୁ ବଞ୍ଚିତ ହେବାକୁ ବାଧ୍ୟ ହୋଇଥାଏ । ସାମ୍ବିଧାନିକ ଭାବେ ସେ ଗୋଟିଏ ଦେଶ ଭିତରେ ସମାନ ପ୍ରକାର ସୁଯୋଗ ପାଇବାକୁ ହକ୍‌ଦାର ହୋଇଥିବା ବେଳେ ନୂଆ ସ୍ଥାନର ଭିନ୍ନ ମାନସିକତା ଓ ଚଳଣୀ ତଥା ଭାଷାଗତ ଭିନ୍ନତା ଏଥିରେ ଅନ୍ତରାୟ ହୋଇଥାଏ । ନୂଆ ସ୍ଥାନର ଲୋକଙ୍କ ମାନସିକତା ହେଉଛି: "ଶ୍ରମିକଟିଏ ତା'ର ଆପଣା ଇଚ୍ଛାରେ ଆସିଛି ଓ ପିଲାମାନେ ମଧ୍ୟ ତା ସାଙ୍ଗରେ ଆସିଛନ୍ତି । ଆମେ ତା'ର ଦାରିଦ୍ର୍ୟ, ବେକାରୀ ଓ ଅନଗ୍ରସରତା ପାଇଁ କ'ଣ ଦାୟୀ ନୋହୁଁ । ସେ ଅସୁବିଧାରେ ପଡ଼ିଲେ ଆମେ କ'ଣ ଅବା କରିପାରିବୁ ! ସେ ଯେମିତି ଆସିଛି, ସେମିତି ଭାବରେ ଯିବ ।" ନିଜ ସ୍ଥାନକୁ ଯଥା ସମୟରେ ଫେରିଯିବ । ଏ କ୍ଷେତ୍ରରେ ନିଯୁକ୍ତ ସରକାରୀ କର୍ମଚାରୀ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମାନସିକତା ମଧ୍ୟ ତଦ୍ରୂପ ରୁଗ୍ଣ ଓ ନିରୁତ୍ସାହଜନକ । ଦେଶାନ୍ତରୀ ଶ୍ରମିକମାନଙ୍କ ଶିଶୁଙ୍କର ନୂଆ ସ୍ଥାନରେ ଶିକ୍ଷା ପ୍ରାପ୍ତି ଓ ବିଶେଷ ସ୍ୱାସ୍ଥ୍ୟଗତ ଯତ୍ନ ଦିଗରେ କେହି କୌଣସି ଦାୟିତ୍ୱ ନିଅନ୍ତି ନାହିଁ । ସେମାନଙ୍କ ସୁରକ୍ଷା ଦିଗରେ ଆଇନ୍ କାନୁନ ବ୍ୟବସ୍ଥା ସବୁ ରହିଛି ବୋଲି କହିବା ଏକ ଖୋଲା ଖୋଲି ହାସ୍ୟାସ୍ପଦ କଥା ହେବ । ଯଦିଓ ଏହି ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ତାଲିମର ବ୍ୟବସ୍ଥା ରହିଛି ଏବଂ ସେ ତାଲିମ ପାଇବା ପରେ ନିଜ ନିଜର ବୟସ ଓ ଆଗ୍ରହ ଅନୁଯାୟୀ କେଉଁ ଶ୍ରେଣୀରେ ଭର୍ତ୍ତି ହେବେ ତଥା ନୂଆସ୍ଥାନରେ ଆବେଗଗତ ସ୍ତରରେ ସମସ୍ତଙ୍କ ଦ୍ୱାରା ଗୃହୀତ ହେବେ, ଆଇନ୍‌ରେ ସେ ସବୁର ବ୍ୟବସ୍ଥା ରହିଛି । ମାତ୍ର ବାସ୍ତବ କ୍ଷେତ୍ରରେ ଏସବୁର କାର୍ଯ୍ୟକାରୀତା ଏକ ଦୁରୁହ ବ୍ୟାପାର । ନୂଆ ସ୍ଥାନକୁ ଆସିଥିବା ଦେଶାନ୍ତରୀ ଶିଶୁମାନଙ୍କୁ କେଉଁ ଶିକ୍ଷକ, କେଉଁ ସ୍ଥାନରେ ତାଲିମ ଦେବ ଓ ସେହି ଶିକ୍ଷକମାନେ ଏହି ସ୍ୱତନ୍ତ୍ର ଧରଣର ତାଲିମ ପାଇଁ କେଉଁ ଠାରୁ ଶିକ୍ଷା ପାଇଛନ୍ତି ଏସବୁ ଉପରେ ତଥ୍ୟ କୌଣସି ସ୍ଥାନରେ ଉପଲବ୍ଧ ହୁଏ ନାହିଁ । କେବଳ ଏକ ରାଷ୍ଟ୍ରୀୟ ସର୍ବେକ୍ଷଣ କହୁଛି ୨୦୧୪ ସେପ୍ଟେମ୍ବରରେ ଭାରତରେ ଥିବା ୬ ରୁ ୧୪ ବର୍ଷ ବୟସର ୨୦୦ ନିୟୁତ ବା ୨୦ କୋଟିରୁ ଅଧିକ ଶିଶୁଙ୍କ ମଧ୍ୟରୁ ପ୍ରାୟ ୬୦ ଲକ୍ଷ ବା ୬ ନିୟୁତ ଶିଶୁ ସ୍କୁଲ ପରିସୀମା ବାହାରେ ଅଛନ୍ତି । ଏଥି ମଧ୍ୟରୁ ୧୦ ଶତାଂଶ ବା ୬ ଲକ୍ଷ ଶିଶୁ ହେଉଛନ୍ତି ଓଡ଼ିଶାର, ମୁଖ୍ୟତଃ କଳାହାଣ୍ଡି, ବଲାଙ୍ଗୀର, କୋରାପୁଟ(କେ.ବି.କେ) ଅଞ୍ଚଳର ଯେଉଁ ମାନଙ୍କର ପିତାମାତା ଅଧିକାଂଶ ହେଉଛନ୍ତି ସୌଧ ଓ ନିର୍ମାଣ ଶ୍ରମିକ । କିପରି ଏହି ଉପେକ୍ଷିତ, ଶିକ୍ଷା– ବଞ୍ଚିତ ଶିଶୁମାନଙ୍କୁ ସ୍କୁଲରେ ଭର୍ତ୍ତି କରାଯିବା ଦିଗରେ କୌଣସି ବିଜ୍ଞପ୍ତି ନାହିଁ କିମ୍ବା ସୂଚନା ନାହିଁ ।

ମଣିଷ ଜୀବନର ସାମଗ୍ରିକ ବିକାଶ ପାଇଁ ଶିକ୍ଷା ହେଉଛି ଏକ ଆୟୁଧ, ଏକ ନିରବଚ୍ଛିନ୍ନ ପୂର୍ଣ୍ଣାଙ୍ଗ ମାଧ୍ୟମ । ଏ ସଂପର୍କରେ ଉଭୟ ରାଷ୍ଟ୍ର ଓ ରାଜ୍ୟ ସରକାର ଆଇନ୍ ପ୍ରଣୟନ କରିପାରିବେ । ୟୁନିୟନ ତାଲିକାରେ ଆନ୍ତଃ ରାଜ୍ୟ ଦେଶାନ୍ତରୀ ଶ୍ରମିକ ଆସୁଥିବାରୁ ଏହା ହେଉଛି କେନ୍ଦ୍ର ସରକାରଙ୍କ ଦାୟିତ୍ୱ ଯେ ସେ ପରିବ୍ରାଜନକାରୀ ଶ୍ରମିକଙ୍କ ଆରମ୍ଭସ୍ଥଳୀ ରାଜ୍ୟ ଓ ସେମାନେ ବ୍ରାଜନ କରୁଥିବା ଲକ୍ଷ୍ୟ ସ୍ଥଳୀ ରାଜ୍ୟ ସରକାର ଦୁଇଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା କରି ସ୍ପଷ୍ଟ କରିବା ଉଚିତ ହେବ ଯେ ପରିବ୍ରାଜନକାରୀ ଶ୍ରମିକଙ୍କ ଶିଶୁମାନଙ୍କ ଶିକ୍ଷା ସଂବର୍ଦ୍ଧନ ଏହି ଉଭୟ ରାଜ୍ୟର ଏକ ସମ୍ମିଳିତ ଦାୟିତ୍ୱ । ଯେଉଁ ସ୍ଥାନରୁ ଶ୍ରମିକମାନେ ଦେଶାନ୍ତରୀ ହେଉଛନ୍ତି ସେହି ଗ୍ରାମ ପଞ୍ଚାୟତ ପକ୍ଷରୁ ସବିଶେଷ ତାଲିକା ପ୍ରସ୍ତୁତ ହୋଇ କେତେ ସଂଖ୍ୟକ ଶିଶୁ ଗନ୍ତବ୍ୟ ସ୍ଥଳୀ ରାଜ୍ୟକୁ ଗଲେ ସେ ବିଷୟରେ ଜଣାଇ ଦିଆଯିବ ଏବଂ ସେଠାରେ ଥିବା ସରକାର ଏହି ଶିଶୁମାନଙ୍କୁ ବୟସାନୁପାତରେ ବିଭିନ୍ନ ଶ୍ରେଣୀମାନଙ୍କରେ ଶିକ୍ଷା ଦାନ ପାଇଁ ବ୍ୟବସ୍ଥା ଗ୍ରହଣ କରିବେ । ସେଠାରେ ସ୍ୱତନ୍ତ୍ର ତାଲିମ ଦେବା ପାଇଁ ଶିକ୍ଷକମାନେ ନିର୍ବାଚିତ ଓ ନିଯୁକ୍ତ ହେବେ । ବ୍ରାଜନକାରୀ ଶିଶୁମାନଙ୍କ ପୂର୍ବଶିକ୍ଷା ଓ କୌଶଳର ମଧ୍ୟ ଅନୁଶୀଳନ ହେବ ଏବଂ ଏ ଧାରାରେ ନିଯୁକ୍ତ ଶିକ୍ଷକଗଣ ସବିଶେଷ ତାଲିମ ପାଇଥିବେ । ଭବିଷ୍ୟତରେ ପିତାମାତା ଓ ଶିଶୁ ନୈରାଶ୍ୟଜନକ, ଦେଶାନ୍ତରୀ ନହେବା ପାଇଁ ଉଭୟ ସରକାର ଯଥାଯଥ ପଦକ୍ଷେପ ଗ୍ରହଣ କରିବେ । ବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ଲକ୍ଷ୍ୟ ସ୍ଥଳୀ ରାଜ୍ୟରେ ପହଞ୍ଚି ସାରିଥିବା ଶିଶୁମାନଙ୍କ ପାଇଁ ସାମୟିକ ଆବାସିକ ହଷ୍ଟେଲ ରହିବ ଏବଂ ଏ ସଂପର୍କରେ ରାଜ୍ୟ ସରକାର ସ୍ଥିର କରିଥିବା ଦୃଷ୍ଟାନ୍ତ (ମଡ଼େଲ) କୁ ପ୍ରାଧାନ୍ୟ ଦିଆଯିବ ।

ଏହା ବାହାରେ ଦେଶାନ୍ତରୀ ହେଉଥିବା ଶିଶୁମାନେ, ସେମାନେ ହୁଅନ୍ତୁ ନିର୍ମାଣ ଶ୍ରମିକ କିମ୍ବା ଅନ୍ୟାନ୍ୟ ଶ୍ରମିକଙ୍କ ସନ୍ତାନ, ଦେଶାନ୍ତରୀ ଯାଉଥିବା ଶିଶୁମାନଙ୍କ ସ୍ୱାର୍ଥ ଓ ସୁବିଧାର ଆଦୌ ଅନୁକୂଳ ନୁହେଁ । ଶିକ୍ଷାରୁ ବଞ୍ଚିତ ହୋଇଥିବା ଦେଶାନ୍ତରୀ ଶ୍ରମିକ ମାନଙ୍କ ଶିଶୁଗଣ କୌଣସି ପରିସ୍ଥିତିରେ ଦଣ୍ଡନୀୟ ହେବେ ନାହିଁ, କାରଣ ଏଥିପାଇଁ ସେମାନେ ଦାୟୀ ନୁହନ୍ତି । ସେମାନଙ୍କ ଭିତରେ ପ୍ରଚ୍ଛନ୍ନ ସୃଜନଶୀଳ ପ୍ରତିଭାର ସାମଗ୍ରିକ ବିକାସ ପାଇଁ ଗଠନମୂଳକ ଢ଼ଙ୍ଗରେ ଦୁଇ ରାଜ୍ୟ ପକ୍ଷରୁ ଉଦ୍ୟମ କରାଯିବ (ମୂଳ ଜନ୍ମସ୍ଥାନ ରାଜ୍ୟ ଓ ବ୍ରାଜନର ଲକ୍ଷ୍ୟ ସ୍ଥଳୀ ରାଜ୍ୟ) । ସେହି ଶିଶୁମାନଙ୍କ ମନରେ ପର୍ଯ୍ୟାପ୍ତ ଆଶା, ବିଶ୍ୱାସ, ପ୍ରତିଶ୍ରୁତି, କୋମଳତା ଓ ସୃଜନଶୀଳତାର ଜାଗ୍ରତ ଘଟାଇ ସେମାନଙ୍କୁ ସ୍ପଷ୍ଟ ଓ ଦୃଢ଼ ଧାରଣା ଦେବାକୁ ହେବ ଯେ ଏହି ଦେଶାନ୍ତର ଦ୍ୱାରା ସେମାନେ ଜୀବନରେ କିଛି ନଷ୍ଟ ହୋଇ ନାହିଁ ଏବଂ ଜୀବନକୁ ପୁଣି ନୂଆ କରି ଆରମ୍ଭ କରାଯାଇ ପାରିବ । ଏସବୁ ଅବବୋଧ ଉପରେ ଉଭୟ ରାଜ୍ୟର ଶିକ୍ଷା ବିଭାଗ ପକ୍ଷରୁ ପ୍ରଚାର ପତ୍ର ଛପା ଯାଇ ସ୍କୁଲରେ ତଥା ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ସମସ୍ତଙ୍କ ଅବଗତ ପାଇଁ ପ୍ରଦର୍ଶନ କରାଯିବ ।

ନୂଆ ସ୍ଥାନର ସ୍କୁଲଗୁଡ଼ିକ ଅଧିକ ପ୍ରକୋଷ୍ଠ ଥାଇ ବେଶ୍ ମନୋରମ, ସୁନ୍ଦର ଓ ଚିତ୍ତାକର୍ଷକ ଶୈଳୀରେ ଗଢ଼ାଯିବ । ସ୍କୁଲ ସୌଧର ବାହ୍ୟ ଓ ଆଭ୍ୟନ୍ତରୀଣ ସୌନ୍ଦର୍ଯ୍ୟ ଉପରେ ବିଶେଷ ଧ୍ୟାନ ଦିଆଯିବ । ବିଶେଷ ଭାବେ ଦେଖିବାକୁ ହେବ ଯେ କେବଳ ଯୋଗ୍ୟ ଓ ଯଥାର୍ଥ ତାଲିମ ପ୍ରାପ୍ତ ଶିକ୍ଷକମାନେ ଏହି ନବାଗତ ଦେଶାନ୍ତରୀ ଶିଶୁମାନଙ୍କୁ ପଢ଼ାଇବାର ଦାୟିତ୍ୱ ନେଇଛନ୍ତି । ନୂତନ ସାଙ୍ଗସାଥି ମେଳରେ ନବାଗତ ଶିଶୁମାନେ ଏକ ସ୍ୱଚ୍ଛନ୍ଦ, ନିରାମୟ ଓ ପ୍ରାଣଦାୟୀ ପ୍ରକ୍ରିୟାରେ ନିର୍ଭୀକତା ଓ ଆତ୍ମବିଶ୍ୱାସର ସହ ନୂଆ ଆବହାଓ୍ୱାକୁ ଆଦରି ଯାଉଛନ୍ତି ଓ ସେମାନଙ୍କର ଯଥାର୍ଥ ସୃଜନଶୀଳ ବିକାଶ ଘଟୁଛି । ଏଥିପାଇଁ ନବାଗତ ଶିଶୁମାନଙ୍କ ନିମନ୍ତେ ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା ରହିବ ଏବଂ ଶିକ୍ଷକ ବଦଳରେ ଅଧିକ ଯୋଗ୍ୟ ଶିକ୍ଷୟିତ୍ରୀ ନିଯୁକ୍ତ ହେବେ ଯାହା ଫଳରେ ଶିଶୁଟିଏ ନୂଆ ସ୍ଥାନରେ ମାଆର ସ୍ନେହ ପାଇବ ଓ ପାଠପଢ଼ା ପ୍ରତି ଆନ୍ତରିକତା ଦେଖାଇବ । ଗୀତ, ନାଚ, ଖେଳକୁଦ ପ୍ରତି ଅଧିକ ଧ୍ୟାନ ଦିଆଯିବ । ୨୦୦୫ର ରାଷ୍ଟ୍ରୀୟ ପାଠ୍ୟକ୍ରମ ଖସଡ଼ାକୁ ଆଖିରେ ରଖି ପାଠ୍ୟକ୍ରମ ସଂଚାଳନ କରାଯିବ ଏବଂ ଅଣ ପାଠପଢ଼ା ବିଷୟଗୁଡ଼ିକ ଶିକ୍ଷକ, ଶିକ୍ଷୟତ୍ରୀଙ୍କ ଉପରେ ଲଦିଦିଆଯିବ ନାହିଁ । ଏସବୁ କଥା ସମ୍ଭବ ହେବ ଯଦି ଦେଶାନ୍ତରୀ ଶିଶୁମାନଙ୍କ ମୂଳରାଜ୍ୟ ଓ ଲକ୍ଷ୍ୟ ସ୍ଥଳୀ ରାଜ୍ୟ ଉଭୟର ସରକାର ଓ ପ୍ରଶାସକମାନେ ଶିଶୁମାନଙ୍କ ଆବଶ୍ୟକତା, ଅଧିକାର ଦିଗରେ ଖୁବ୍ ସ୍ପର୍ଶକାତର ରହି ନୀତି ନିଷ୍ଠ ଭାବେ କାମ କରୁଥାନ୍ତି ! !

କିନ୍ତୁ ଦେଶର ସର୍ବତ୍ର ପରିବେଷ୍ଟନୀ ଯେପରି ଏବଂ ସବିଶେଷ ଭାବେ ଶିକ୍ଷିତ ଗୋଷ୍ଠୀ (ବରଂ କୁହାଯିବ ସାର୍ଟିପିକେଟ ଓ ଡ଼ିଗ୍ରୀ ହାସଲକାରୀ)ଙ୍କ ମଧ୍ୟରେ ମାନସିକତା ଯେପରି ହୋଇଛି ସେ ପରିସ୍ଥିତିରେ ବାସ୍ତବ ଦରଦ ଓ ସମ୍ବେଦନ ମାନସିକତା ନ ରହିଲେ ନିର୍ମାଣ ପରିସରର ଶ୍ରମିକମାନଙ୍କ ଅବଦାନକୁ ବୁଝିବା ଦୁଷ୍କର ହେବ । ସେପରି ସ୍ଥଳେ ସେମାନଙ୍କ ଅବୋଧ ଶିଶୁମାନଙ୍କ ସମସ୍ୟାବଳୀକୁ ବୁଝିବା, ପୁନଶ୍ଚ ବ୍ରାଜନରେ ବାହାରି ଯାଇଥିବା ଶିଶୁମାନଙ୍କ ସମସ୍ୟାବଳୀକୁ ଅନୁଭବ କରିବା ଏକାନ୍ତ ଦୁଷ୍କର ହେବ ।

ସାମଗ୍ରିକ ଭାବେ ରକ୍ତମାଂସ ଶରୀରର ମଣିଷର ବେଦନାକୁ ଅନୁଭବ କରି ନ ପାରିଲେ ଏବଂ ସ୍ୱତନ୍ତ୍ର ଭାବେ ନିର୍ମାଣ ଶ୍ରମିକଙ୍କ ଅବଦାନକୁ ସ୍ୱୀକୃତି ନଦେଇ ପାରିଲେ ଏ ଦିଗରେ ପୂର୍ଣ୍ଣାଙ୍ଗ ଓ ପରିପୂର୍ଣ୍ଣ ଭାବେ କୌଣସି ସୃଜନାତ୍ମକ କାର୍ଯ୍ୟକ୍ରମର ଅନୁଶୀଳନ ଓ ପରିପ୍ରୟୋଗ କରି ହେବ ନାହିଁ । ଆଇନ୍ ତିଆରି କରି ଦେଲେ ଯଥେଷ୍ଟ ହେବ ନାହିଁ । ଆଇନ ପ୍ରଣୟନ ପ୍ରକ୍ରିୟା ଅୟମାରମ୍ଭ ମାତ୍ର ଆଇନର ଯଥାଯଥ ପରିପ୍ରୟୋଗ ହିଁ ଅଧିକ ଜରୁରୀ ଏବଂ ସାମଗ୍ରିକ ଭାବେ ଦେଖିବାକୁ ପଡ଼ିବ ଯେ ଦେବ ଶିଶୁ ସଦୃଶ ସନ୍ତାନଗଣ– ସେ ହେଉ ଶ୍ରମିକର କି ବୁଦ୍ଧିଜୀବି କି ମନ୍ତ୍ରୀ, ଯନ୍ତ୍ରୀ ଯାହାର– ଯଦି ସମ୍ବେଦନା ସହ ଶିଶୁମାନଙ୍କ ସ୍ୱର୍ଗୀୟ ସତ୍ତାର ଅନ୍ତରଙ୍ଗ ବିଚାର ହେବ ନାହିଁ, ତେବେ ଦେଶରେ କୌଣସି ପରିବର୍ତ୍ତନ ଆସି ପାରିବ ନାହିଁ ଏବଂ ଦେଶ ମଧ୍ୟ ଆଗେଇ ପାରିବ ନାହିଁ ।

*ଅନୁସୃଜନ: ରକ୍ଷାକର ଅନୁପମ*

# ନିର୍ମାଣ ଶ୍ରମିକ କଲ୍ୟାଣ କୋଷରୁ ପିଲାଙ୍କୁ ଶିକ୍ଷାବୃତ୍ତି ସହାୟତା

ନିର୍ମାଣ କ୍ଷେତ୍ରରେ ନିୟୋଜିତ ଶ୍ରମିକମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇ ଦିଆଯିବା ଲକ୍ଷରେ ୧୯୯୬ ମସିହାରେ କୋଠା ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ଆଇନ ପ୍ରଣୟନ ହୋଇ ୨୦୦୮ ମସିହାରୁ ଏହା ଓଡ଼ିଶାରେ କାର୍ଯ୍ୟକାରୀ ହୋଇଆସୁଛି । ମାତ୍ର ଏପରି ଏକ ଶ୍ରମିକ ସୁରକ୍ଷାକାରୀ ଆଇନ୍‌କୁ କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ଶ୍ରମିକ ଓ ଶ୍ରମିକ ପିଲାମାନଙ୍କୁ ଯେଉଁସବୁ ସୁବିଧା ଯଥା ସମୟରେ ମିଳିବା କଥା ତାହା ମିଳୁନାହିଁ । ଶ୍ରମିକମାନେ ଦୌଡ଼ି ଦୌଡ଼ି ଖର୍ଚ୍ଚାନ୍ତ ହେବା ସହ ନିଜର ମଜୁରି ହରାଉଛନ୍ତି ଅଥଚ ସହାୟତା ପାଇ ପାରୁନାହାନ୍ତି । ଏହି ଆଇନ୍‌ର ବିଭିନ୍ନ ଯୋଜନାରେ ପାଇବାକୁ ଥିବା ଅର୍ଥ ନିମନ୍ତେ ଲୋକଙ୍କୁ ଲମ୍ବା ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେଉଛି । ଦରଖାସ୍ତ ଯାଞ୍ଚ ଆଳରେ ସେମାନଙ୍କ ଦରଖାସ୍ତକୁ ନାକଚକରି ହଇରାଣ କରାଯାଉଥିବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଶ୍ରମ ବିଭାଗର ଉଚ୍ଚ ଅଧିକାରୀ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି । ଅନ୍ୟପକ୍ଷରେ ଅଧ୍ୟୟନରତ ନିର୍ମାଣ ଶ୍ରମିକ ପିଲାମାନଙ୍କ ନିମନ୍ତେ ଶିକ୍ଷାବୃତ୍ତି ସହାୟତା ରହିଥିଲେ ମଧ୍ୟ ପିଲାଙ୍କୁ ଆବଶ୍ୟକ ଅର୍ଥ ମିଳୁନାହିଁ । ଅନେକ କ୍ଷେତ୍ରରେ ଦେଖିବାକୁ ମିଳୁଛି ଏହି ଅର୍ଥ ଛାତ୍ର ଛାତ୍ରୀମାନେ ପାଠ ପଢ଼ି ଚାଲି ଯିବାର ବହୁଦିନ ପରେ ମିଳୁଛି ଯାହା ସେମାନଙ୍କ କାମରେ ଆସୁନାହିଁ ।

ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟର ଅଧକ୍ଷଙ୍କ ଜରିଆରେ ଦରଖାସ୍ତ ଦେଲେ ମଧ୍ୟ ମହାବିଦ୍ୟାଳୟ ଅଧକ୍ଷ ଓ ଅଧକ୍ଷାମାନେ ଛାତ୍ରଛାତ୍ରୀଙ୍କ ଦରଖାସ୍ତକୁ ଶ୍ରମ ଅଧିକାରୀଙ୍କୁ ସୁପାରିସ କରିବା ପାଇଁ ଆଗ୍ରହ ଦେଖାଉନାହାନ୍ତି, ଏପରିକି ଅନେକ ମହାବିଦ୍ୟାଳୟର ଅଧକ୍ଷମାନେ ସୁପାରିସ କରିବାକୁ ସିଧା ମନା କରିଦେଉଛନ୍ତି । ଯାହା ଫଳରେ ଅଧିକାଂଶ ଗ୍ରାମାଞ୍ଚଳରେ ପଢୁଥିବା ନିର୍ମାଣ ଶ୍ରମିକ ପିଲାମାନେ ଅର୍ଥ ସହାୟତା ପାଇ ନପାରି ଶିକ୍ଷାରୁ ବଂଚିତ ହେଉଛନ୍ତି । ଶ୍ରମ ବିଭାଗ- ଶିକ୍ଷା ବିଭାଗ ମଧ୍ୟରେ ଆବଶ୍ୟକୀୟ ସମନ୍ୱୟ ନ ରହିବା କାରଣରୁ ଏହି ପିଲାମାନଙ୍କ ପାଇଁ ଶିକ୍ଷା ସହାୟତା ଅର୍ଥ ଠିକ ଭାବରେ ଉପଲବ୍ଧ ହେଉ ନାହିଁ । ଏହିସବୁ ଅସୁବିଧାକୁ ଦୃଷ୍ଟିରେ ରଖି ଧରମା ଫାଉଣ୍ଡେସନ ପକ୍ଷରୁ ରାଜ୍ୟରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ଆଲୋଚନା ସଭା ଓ ସଚେତନତା ଅଭିଯାନ ଆରମ୍ଭ କରାଯାଇ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଉଛି ।

ରାଜ୍ୟରେ ଏହି ଆଇନ୍ କାର୍ଯ୍ୟକାରୀ ହେବାର ଆଠବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ସଂଖ୍ୟାଧିକ ଛାତ୍ରଛାତ୍ରୀ ଏହି ଛାତ୍ରବୃତ୍ତି ସଂପର୍କରେ ଜାଣନ୍ତି ନାହିଁ ଏବଂ ସେମାନଙ୍କ ପିତାମାତା ପରିଚୟପତ୍ର ଖଣ୍ଡେ ଅଦ୍ୟବଧି କରି ପାରିନାହାନ୍ତି । ଏପରି ଏକ ସହାୟତା ଶ୍ରମିକପିଲାମାନଙ୍କ ଶିକ୍ଷାଲାଭ ପ୍ରୋତ୍ସାହନ ଦେବାପାଇଁ କରା ହୋଇଥିଲେ ମଧ୍ୟ ବାସ୍ତବରେ ଯେଉଁମାନେ ଅସଲ ହିତାଧିକାରୀ ସେମାନଙ୍କ ନାମ ଅଦ୍ୟାବଧି ପଞ୍ଜୀକରଣ ଭୁକ୍ତ ହୋଇପାରିନାହିଁ । ବିଡ଼ମ୍ବନାର ବିଷୟ ଏହିଯେ ଏହି ଆଇନ୍‌ରେ ରାଜ୍ୟରେ ପଞ୍ଜୀକୃତ ହୋଇଥିବା ୨୫ ଲକ୍ଷରୁ ଅଧିକ ଶ୍ରମିକଙ୍କ ମଧ୍ୟରୁ ୩୦ ରୁ ୪୦ ଭାଗ ଅଣ ଶ୍ରମିକ ଓ ଅଣନିର୍ମାଣ ଶ୍ରମିକ ଅଟନ୍ତି । କଟକ, ଜଗତସିଂପୁର, ପୁରୀ, ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, ଭଦ୍ରକ ଓ କେନ୍ଦାପଡ଼ା ଜିଲ୍ଲାମାନଙ୍କରେ ପଞ୍ଜୀକୃତ ହୋଇଥିବା ଅଣଶ୍ରମିକ ଓ ଅଣନିର୍ମାଣ ଶ୍ରମିକମାନେ ଶିକ୍ଷା ଅର୍ଥକୁ ଝାମ୍ପି ନେଉଥିବା ବେଳେ ରାଜ୍ୟର ଆଦିବାସୀ ଓ ପଛୁଆ ଇଲାକାର ଶ୍ରମିକ ପିଲାମାନେ ଏହି ଅର୍ଥ ପାଇବାରୁ ବଂଚିତ ହେଉଛନ୍ତି । ଅଣଶ୍ରମିକ ଓ ଅଣନିର୍ମାଣ ଶ୍ରମିକମାନେ ଚଞ୍ଚକତା କରି ଏହି ଆଇନ୍‌ର ହିତାଧିକାରୀ ହୋଇଯାଇଛନ୍ତି ସେମାନଙ୍କ ମଧ୍ୟରେ ବଡ଼ଚାଷୀ, ବ୍ୟବସାୟୀ, ସରକାରି ଚାକିରିଆ, ଡ୍ରାଇଭର ଓ ଗାଡ଼ି ମାଲିକ ଅନ୍ତର୍ଭୁକ୍ତ ।

| ମସିହା | ବୋର୍ଡ଼ ଖର୍ଚ୍ଚ କରିଥିବା ଟଙ୍କା | ଛାତ୍ରଛାତ୍ରୀଙ୍କ ସଂଖ୍ୟା |
|---|---|---|
| ୨୦୧୫-୧୬ | ୩,୫୪,୬୬,୦୮୯/- | ୬,୪୨୪ |
| ୨୦୧୬-୧୭ | ୧୩,୨୧,୫୨,୭୨୫/- | ୨୩,୬୦୬/- |

## ଆମର ପ୍ରସ୍ତାବ

- ନିର୍ମାଣ ଶ୍ରମିକ କଲ୍ୟାଣ କୋଷ ଅର୍ଥରେ ନିର୍ମାଣ ଶ୍ରମିକ ପିଲାମାନଙ୍କ ଶିକ୍ଷାନିମନ୍ତେ ସ୍ୱତନ୍ତ୍ର ଯାନ୍ତ୍ରୀକ ଓ ଡ଼ାକ୍ତରୀ ଶିକ୍ଷାପାଇଁ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଯାଉ ।
- ରାଜ୍ୟରେ ପୂର୍ବ, ପଶ୍ଚିମ, ଦକ୍ଷୀଣ ଓ ଉତ୍ତର ଓଡ଼ିଶାରେ ନିର୍ମାଣ ଶ୍ରମିକ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉ ଯେଉଁଠାରେ ବିଦ୍ୟାଳୟ ଛାଡ଼ି ଚାଲିଯାଉଥିବା ପିଲାଙ୍କୁ ଫେରାଇ ଆଣି ସେମାନଙ୍କ ମଧ୍ୟରେ ରହି ଥିବା ପ୍ରତିଭା ଯଥା ଖେଳ, ନାଚ, ଗୀତ ଓ ଚିତ୍ରକଳା ଅଧ୍ୟୟନ କରିବା ସହ ଶିକ୍ଷାଲାଭ କରିପାରୁଥିବ ।
- ନିର୍ମାଣ ଶ୍ରମିକ ପିଲାମାନଙ୍କ ନିମନ୍ତେ କରାଯାଇଥିବା ଶିକ୍ଷା ସହାୟତା ଅର୍ଥ ନିର୍ଦ୍ଧିଷ୍ଟ ସମୟ ସୀମା ଧାର୍ଯ୍ୟ କରାଯାଉ । ଯେଉଁ ଅଧିକାରୀଙ୍କ ଖାମଖିଆଲି, ବେପରବାଏ ଯୋଗୁଁ ଶିକ୍ଷାବୃତ୍ତି ଛାତ୍ରଛାତ୍ରୀମାନେ ପାଇପାରୁ ନାହାନ୍ତି ଓ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ସେହି ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।
- ରାଜ୍ୟରେ ପଛୁଆ ଓ ଆଦିବାସୀ ଇଲାକା ପାଇଁ ଶିକ୍ଷାବୃତ୍ତି ସହାୟତା ନିମନ୍ତେ ନିର୍ମାଣ ଶ୍ରମିକ କଲ୍ୟାଣ କୋଷ ସ୍ୱତନ୍ତ୍ର ଧ୍ୟାନ ଦେଉ ଓ ସହାୟତା ଅର୍ଥ ବୃଦ୍ଧି କରାଯାଉ ।

## ଲାଲ ପାଗୋଡ଼ାର ପ୍ରେତ

ରବି ସିଂ

ଯେଦିନ ଦିଶିଲା
ନୀଳନଭ ତଳେ
ଏଇ କୋଣାରକ ନେତ,
ବାରଶ' ବିଧିର
ହୃଦୟେ ଜଳିଲା
କ୍ରୋଧର ଅନଳ,
ଆଖିରେ ମାଡ଼ିଲା
ଈର୍ଷା-ପରଳ
ମାନବତା ସେବେ
ହୋଇଲା କକ୍ଷଚ୍ୟୁତ ।
ଶିଶୁ ଧରମାର
ଉର୍ଦ୍ଧ୍ୱେ ଉଠିଲା
ବାରଶ' ଯମର
ଉଦ୍ଧତ-କରବାଳ
ଅନ୍ତିମ ହାହାକାର.....
ସୂର୍ଯ୍ୟତେ ଖସି-
ବିଲୀନ ହୋଇଲା
ମରଣ- ଅନ୍ଧକାରେ
ଆଜି ବସି ଘୋଷେ
ସେହି ସୂର୍ଯ୍ୟର
ଆଲୋକର ଗାଥା
ଘାତକ ଜାତିର
ନିର୍ଲ୍ଲଜ-କରତାଳ !
ହାୟରେ ଦସ୍ୟୁ,
ଜୀବଦ୍ଦଶାରେ
ଦାନ କଲ ଯା'ରେ
ମରଣର ସମ୍ମାନ,
ତାହାରି ଦଉ ସୃଷ୍ଟିର ଆଜି
କର କିଆଁ ଜୟଗାନ୍ ?
ଅଭିନୟ ତୁମ
ଦେଖିବା ପାଇଁକି
ବେସ୍ କୌତୁକ ଲାଗେ,
ତୁମେ କି ଜାଣିଛ
ସମ୍ମୁଖେ ତୁମ
କେତେ ଦୁର୍ଦ୍ଦିନ ଜାଗେ ?
ତୁମେ କି ଶୁଣିଛ
ସ୍ପନ୍ଦନ କେଉଁ,
ଶିଶୁ-ବିଧାତାର ବୁକୁ ?
ଜୀବନ-ଫୁଲର
ଲୁଣ୍ଠନକାରୀ ଡାକୁ !
ତାର ପରିଚୟ
ପାଇଛି ମୁହିଁ ତ କବି,
ଏଇ କୋର୍ଣାକ
ଅପର ପାଖର
ଅନ୍ଧାରମଖା-ଛବି ।
ସେ ଛବି ଆଣିଛି
ଆଖିର କିନାରେ
ଲାଭା-ଲୋତକର ଢେଉ,
ହୃଦୟେ ଜାଳିଛି
ବାଡବ-ବହ୍ନି,
କାଳାନଳ ଦାଉ ଦାଉ !
ମନରେ ଆଣିଛି
କୋଟି ସିନ୍ଧୁର ବ୍ୟଥା,
ପ୍ରତି ଧମନୀର
ଶୋଣିତେ ଜାଳିଛି
ପ୍ରତିହିଂସାର ଚିତା ।
ତା ପାଇଁ ଆଜି ମୋ
ଶାଣିତ-ଲେଖନୀ ଝୁରେ
କ୍ରନ୍ଦନ-ରୋଳ
ମାତେ, ବେଳୁବେଳ
ଜୀବନର ପୁରେ ପୁରେ ।
ଅମୀମାଂସିତ
ପ୍ରଶ୍ନ ଜାଗଇ ମନେ,
ଭବିଷ୍ୟତର
ସାଧନାର ଉପବନେ......
ଜାଗିବେ ନାହିଁକି
ଲୁଣ୍ଠକଦଳ,
ପ୍ରତିଭା-ହତ୍ୟାକାରୀ ?
ଆଜିକାର ପରି
ସେତେବେଳେ ମୋର
ହାତେ ଥିବ ତରବାରି ?

(ପ୍ରଖ୍ୟାତ ଓ ବିପ୍ଳବୀ କବି ଶ୍ରୀ ରବି ସିଂଙ୍କ ଦ୍ୱାରା ୧୯୬୩ ମସିହାରେ ପ୍ରକାଶିତ "ଲାଲ ପାଗୋଡ଼ାର ପ୍ରେତ ଓ ଅନ୍ୟାନ୍ୟ କବିତା" ରୁ ଉଦ୍ଧୃତ)



ଅଧାରୁ ପାଠ ଛାଡ଼ିଦେଇଥିବା ପିଲାଙ୍କ ଦ୍ୱାରା ଧରମା ଶିଶୁ ମହୋତ୍ସବ ୨୦୧୭ ର ଚିତ୍ରକଳା

# ଶ୍ରମିକର ହକ ଓ ଅଧିକାର ଦାବିରେ ଛାତ୍ର ସମାଜ ଅଣ୍ଟା ଭିଡ଼ିଲା

## (ଶ୍ରମିକମାନଙ୍କୁ ସାମାଜିକ ନିରାପତ୍ତା ଓ ସେମାନଙ୍କ ପିଲାଙ୍କୁ ଶିକ୍ଷା ସହାୟତା ଯୋଗାଇ ଦେବା ପ୍ରଶ୍ନ ନେଇ ଶ୍ରମିକ ଓ ଶ୍ରମିକ ପିଲା ମୁଖାମୁଖି ଆଲୋଚନା)





ଝାରସୁଗୁଡ଼ା: ସ୍ଥାନୀୟ ଶିଳ୍ପାଞ୍ଚଳ ପଡ଼ିଆ ଠାରେ ଗତ ତା ୧୦ ଓ ୧୧ ଦୁଇଦିନ ଧରି ନିର୍ମାଣ ଶ୍ରମିକ ଓ ସେମାନଙ୍କ ପିଲାଙ୍କୁ ନେଇ ଧରମା ପ୍ରତିଷ୍ଠାନର ଏକ ଛାତ୍ର ସମାରୋହ **ପ୍ରଫେସର ଏନ୍.କେ ମହାକୁଡ଼ଙ୍କ** ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ସୁଷମା ଓ ଅନ୍ୟ ସାଥୀମାନେ ପ୍ରାରମ୍ଭିକ ସଂଗୀତ **"ଶାନ୍ତି ଚାହୁଁ ଆମେ"** ପରିବେଷଣ କରିଥିଲେ । ସମାରୋହରେ ବିଶିଷ୍ଟ ସମାଜସେବୀ ଓ ସାଂସଦ ଶ୍ରୀଯୁକ୍ତ ଏଭି ସ୍ୱାମୀ, ଜିଲ୍ଲାପାଳ ବିଭୂତି ଭୂଷଣ ପଟ୍ଟନାୟକ, ବିଶିଷ୍ଟ ସମାଜ ବିଜ୍ଞାନୀ ଲକ୍ଷୀ ଦାସ, ଅବଦୁଲ ଓ୍ୱାଲି ଓ ପ୍ରଫେସର ଟହଲୁ ସାହୁ ଯୋଗ ଦେଇଥିଲେ ।

ସଭାରେ **ଶ୍ରୀ ଏ. ଆର. ଅନୁପମ** ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ଏହାର ଉଦ୍ଦେଶ୍ୟ ସଂପର୍କରେ ପ୍ରାରମ୍ଭିକ ସୂଚନା ଦେଇ କହିଲେ ଆଜିର ଏହି ସମାରୋହରେ ସ୍ୱତନ୍ତ୍ର ଭାବେ ନିର୍ମାଣ ଶ୍ରମିକମାନଙ୍କ ପିଲାମାନଙ୍କୁ ନେଇ କରାଯାଇଛି । ଶ୍ରମିକ ଓ ସେମାନଙ୍କ ପିଲାଙ୍କ ସମସ୍ୟାକୁ ନିକଟରୁ ଦେଖିଲାପରେ ଧରମା ପ୍ରତିଷ୍ଠାନ ନିର୍ମାଣ କ୍ଷେତ୍ରର ପିଲାମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ମୁଖାମୁଖି ଅଧିବେସନ କରିବା ପାଇଁ ଯୋଜନା କରିଥିଲା । ଶ୍ରମିକର ହକ୍ ଓ ଅଧିକାର ସଂପର୍କରେ ଶ୍ରମିକଙ୍କୁ ଅବଗତ କରିବା ସହ ସେମାନଙ୍କ ପିଲାମାନଙ୍କୁ ଏହି ପ୍ରକ୍ରିୟା ମଧ୍ୟରେ ଯୋଡ଼ିବା ପାଇଁ ଉଦ୍ୟମ କରୁଛି । ଚେଷ୍ଟା କରୁଛି ଅସଂଗଠିତ ଶ୍ରମିକମାନଙ୍କୁ ଯୋଡ଼ି ସେମାନଙ୍କ ହକ୍ ଓ ଅଧିକାର ଲଢ଼େଇକୁ ଆଗକୁ ନେବାରେ ଏହି ପିଲାମାନେ ସହଯୋଗ କରିବା ଦରକାର । ଛାତ୍ର ଛାତ୍ରୀମାନେ ସେହି ଲଢ଼େଇର ଅଂଶ ବିଶେଷ ହୋଇପାରିଲେ ସରକାରଙ୍କ ଉପରେ ଚାପ ଓ ପ୍ରଭାବ ପକାଇବା ସହ ଶ୍ରମିକ ଶ୍ରେଣୀକୁ ଯେଉଁ ଫାଇଦା ମିଳିବ ତାହା ସେମାନଙ୍କ ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ସହାୟକ ହେବ । ଏହି ଛାତ୍ର ଛାତ୍ରୀମାନଙ୍କୁ ସମାଜର ଗଠନମୂଳକ କାମ ସହ ଯୋଡ଼ିବା ଓ ପିତା ମାତା କରୁଥିବା କାମ ସଂପର୍କରେ ଅବଗତ ଓ ସଚେତନ କରାଇବା ଏହି ସମ୍ମିଳନୀର ମୂଳ ଉଦ୍ଦେଶ୍ୟ । ଶ୍ରମିକମାନେ ଜଗତୀକରଣ, ଉଦାରିକରଣ ଓ ଘରୋଇକରଣ ପରବର୍ତ୍ତି ପରିସ୍ଥିତିରେ ବେଶି ଅସହାୟ ହୋଇପଡ଼ିଛନ୍ତି । ମାଲିକମାନେ ଶ୍ରମିକମାନଙ୍କୁ ଶୋଷଣ କରିବା ତରିକା ବଦଳିଛି । ଯେଉଁସବୁ ଆଇନ୍ ଶ୍ରମିକମାନଙ୍କ ପାଇଁ ପ୍ରଣୀତ ହୋଇଛି ତାହାକୁ ସରକାର କାର୍ଯ୍ୟକାରୀ କରୁନାହାନ୍ତି । ବ୍ରିଟିସ୍ ଶାସନ କାଳରେ ଯେପରି ଲୋକଙ୍କୁ ଭାଗ କରି ଶାସନ କରାଯାଉଥିଲା ତାହା ଏବେ ଶିଳ୍ପ ସଂସ୍ଥାର ମାଲିକମାନେ ଆପଣାଇଛନ୍ତି ।

ଶ୍ରମିକ ସ୍ୱାର୍ଥରେ ଯେଉଁ ଲଢ଼େଇ ଓ ଆନ୍ଦୋଳନ ଶ୍ରମିକମାନେ ମିଳିତ ହୋଇ କରିବା କଥା ତାହା ଆଜି ଆମ ସହଜ ହେଉନାହିଁ । ଶ୍ରମିକର ସଂଘ ବଦ୍ଧ ଲଢ଼େଇ ପ୍ରକ୍ରିୟାକୁ ଧ୍ୱଂସ କରିଦେବାକୁ ମାଲିକ ଅଣ୍ଟାଭିଡ଼ିଛି । ସଂଗଠିତ ପ୍ରକ୍ରିୟାରୁ ଅଣସଂଗଠିତ ପ୍ରକ୍ରିୟା ମଧ୍ୟକୁ ଶ୍ରମିକ ଠେଲି ହୋଇଯିବା ଫଳରେ ଶ୍ରମିକର ନିରାଶା ବୃଦ୍ଧି ପାଇଛି । ଯେଉଁ ସରକାରକୁ ଶ୍ରମିକ ସାମ୍ନା କରୁଛି ସେ ଶ୍ରମିକର ମୌଳିକ ସମସ୍ୟା ପୂରଣ କରିବା ଓ ହକ୍ ଅଧିକାର ଦେବାପାଇଁ ପଛଘୁଞ୍ଚା ଦେଉଛି । ଶ୍ରମିକ ଆଜି ଅତି ଅସହାୟ ଅବସ୍ଥାରେ ଦିନ କାଟୁଛି । ଏକ୍ଷେତ୍ରର ସୁରକ୍ଷା ଯେପରି ବିପର୍ଯ୍ୟସ୍ତ ନିଯୁକ୍ତି ନିରାପତ୍ତା ସେପରି ପ୍ରହଶନ । ଶ୍ରମିକ ପେଶୀ ହୋଇ ଅଣନିଶ୍ୱାସୀ ହେଉଛି । ଆଜିର ଏହି ପରିପ୍ରେକ୍ଷୀରେ ଶ୍ରମିକ ପାଖରେ ଛିଡ଼ା ହେବା ପାଇଁ କେହି ନାହାନ୍ତି । ଠିକାଦାରର ଶୋଷଣ, ଅଧିକାରୀଙ୍କ ପଛଘୁଞ୍ଚା, ସଂଘମାନଙ୍କ ଦୁର୍ବଳ ସ୍ଥିତି ଓ ଶିଳ୍ପପତିମାନଙ୍କ ସରକାରଙ୍କ ଉପରେ ଚାପ ତାକୁ ଅଣନିଶ୍ୱାସୀ କରି ଦେଉଛି । ଶ୍ରମିକ ପିଲାମାନଙ୍କ ଉପରେ ଏକମାତ୍ର ଭରସା । ପିଲାମାନେ ହାତ ବଢ଼ାଇବା ଦରକାର । ପିତାମାତାର ଏହି ହୃଦୟର କୋହକୁ ପିଲା ବୁଝିବାର ଆବଶ୍ୟକତା ରହିଛି ।

ପଶ୍ଚିମ ଓଡ଼ିଶାର ଗୋଟିଏ ଦୁଇଟି ମହାବିଦ୍ୟାଳୟକୁ ଛାଡ଼ିଦେଲେ ଅନ୍ୟ ମହାବିଦ୍ୟାଳୟମାନଙ୍କରେ ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି । ଯେଉଁ ପିଲା କଲେଜ ବନାନ ଲେଖି ପାରୁ ନାହିଁ  ସେହି ପିଲାମାନେ କେଉଁ ନିଯୁକ୍ତି ପାଇବେ । ତେବେ ଏହି ଶିକ୍ଷା ତା' ଜୀବନର କେଉଁ କାମରେ ଆସିବ । ଦେଶ ଓ ରାଜ୍ୟର ସାଂପ୍ରତିକ ସମସ୍ୟା, ଶ୍ରମିକ ସମସ୍ୟା, ଯୁବ ଛାତ୍ରଙ୍କ ସମସ୍ୟା ବେକାରୀ ଓ ବେରୋଜଗାର ସଂପର୍କରେ କଲେଜ ମାନଙ୍କରେ ଆଲୋଚନା ହେଉନାହିଁ । ଏପରିକି ସେହି କ୍ଷେତ୍ରର ପିଲାମାନଙ୍କ ପାଇଁ  ଯେଉଁ ଶିକ୍ଷାବୃତ୍ତି ସହାୟତା ନିର୍ମାଣ ଶ୍ରମିକ କଲ୍ୟାଣ କୋଷ ଦେଉଛି ସେ ସଂପର୍କରେ  ଅଧ୍ୟକ୍ଷ, ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ପାଖରେ କିଛି ଖବର ନାହିଁ । ଏ ସଂପର୍କରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ କୌଣସି ଆଲୋଚନାକୁ ଉତ୍ସାହିତ କରିବେ କ'ଣ ପରୀକ୍ଷା ଦ୍ୱାହି ଦେଇ ଟାଳି ଦିଆଯାଉଛି । ଯେଉଁ ପିଲା କଷ୍ଟେ ମଷ୍ଟେ ପାସ କରୁଛି ସେ କୌଣସି କାମ ପାଇଁ ଯୋଗ୍ୟ ବିବେଚିତ ହେଉନାହିଁ । ଚାକିରି ପଛରେ ଧାଇଁ ଧାଇଁ ବୁଢ଼ା ହୋଇଯାଉଛି, ନିଯୁକ୍ତି ନାହିଁ । ପିତାମାତା କରୁଥିବା କାମରେ ସହଯୋଗ କଥା କହିଲେ ପିଲା କହୁଛି ମୁଁ ଏତେ ପାଠ ପଢ଼ିଛି ଅଥଚ ରେଜା ବା କୁଲୀ କାମ କରିବି ! ଘରୁ ପଇସା ଲୁଟି ଦାମୀ ମୋବାଇଲ କିଣି ମଉଜ କରୁଛି । ପଇସା ଅଭାବ ହେଲେ ଚୋରି କରୁଛି । ଅସାମାଜିକ କାମ କରୁଛି । କିଛି ନ ହେଲେ କେଉଁ ରାଜନୈତିକ ଦଳରେ ବୋଲକରା ହେଉଛି । ପିତାମାତାମାନେ ଅସହାୟ । ଆଜିର ଏହି ଶିକ୍ଷା ବ୍ୟବସ୍ଥା ପିଲାମାନଙ୍କୁ ବସ୍ତୁତଃ ପଙ୍ଗୁ କରିଦେଉଛି । ଆଜିର ଏହି ପ୍ରକାର ଶିକ୍ଷା ମୋହରୁ ପିଲାଙ୍କୁ ମୁହଁ ଫେରାଇବାକୁ ହେବ ନଚେତ ଦେଶର ଏକ ବୃହତ୍ତ ମାନବ ପୁଞ୍ଜି ସମାଜରେ ଗଠନ ମୂଳକ କାମରେ ବିନିଯୋଗ ନହୋଇ ସମାଜର ଧ୍ୱଂସରେ ବ୍ୟବହୃତ ହେବ ।

ଏପରି ଅନିୟମିତ ଶ୍ରମିକ କେନ୍ଦ୍ରିତ ଛାତ୍ର ଛାତ୍ରୀମାନଙ୍କର ସମାରୋହକୁ ଉଦ୍‌ଘାଟନ କରି ବିଶିଷ୍ଟ **ସମାଜସେବୀ ସାଂସଦ ଶ୍ରୀଯୁକ୍ତ ଏଭି ସ୍ୱାମୀ** କହିଥିଲେ ଯେ ଜନପ୍ରତିନିଧି ବା ସରକାରୀ ଅଧିକାରୀ ଲୋକଙ୍କ ସେବକ । ସେମାନେ ଜନସାଧାରଣଙ୍କ ସ୍ୱାର୍ଥ ଓ ସୁରକ୍ଷା ପାଇଁ କାର୍ଯ୍ୟ କରିବା ଉଚିତ । ସେମାନଙ୍କର ସମ୍ବେଦନଶୀଳତା ନରହେ ସାଧାରଣ ଲୋକଙ୍କର କୌଣସି ପରିବର୍ତ୍ତନ ଘଟିବ ନାହିଁ । ଶ୍ରମିକର ଅସଲ ସମସ୍ୟା କ'ଣ ତାର ପିଲା ଜାଣିବା ଦରକାର ।ଏକ ଅଭିନବ ପ୍ରୟାସ ଯାହା ଧରମା ଫାଉଣ୍ଡେସନ ଏଠାରେ ଆୟୋଜିତ କରିଛି । ସେ ଏହାକୁ ଉଚ୍ଚ ପ୍ରଂଶସା କରି ଆହୁରି କହିଲେ ଛାତ୍ର ଓ ସେମାନଙ୍କର ଅଭିଭାବକଗଣ ଏକାଠି ବସି ଶ୍ରମିକମାନଙ୍କ ସମସ୍ୟା ସଂପର୍କରେ ଚର୍ଚ୍ଚା ଆଲୋଚନା କରିବା ନିଶ୍ଚିତ ଭାବରେ ଏକ ଅଦ୍ୱିତୀୟ ଓ ନିଆରା କାର୍ଯ୍ୟକ୍ରମ । ଛାତ୍ର ଛାତ୍ରୀମାନେ ଅନିୟମିତ କ୍ଷେତ୍ର ବିଶେଷ କରି ନିର୍ମାଣ କ୍ଷେତ୍ର ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଓ ସମ୍ଭାବନାକୁ ବୁଝିବାରେ ଏହା ସହଯୋଗ ହେବ । ଆମେ କହୁଛୁ ଶିକ୍ଷା ଆମର

ଜନ୍ମଗତ ଅଧିକାର, ଆମେ ତାହା ପାଇବା ଦରକାର । ଶ୍ରମିକ ତାର ହକ୍ ପାଇବ, ଶ୍ରମିକଙ୍କ ପିଲା ତାର ଶିକ୍ଷା ଲାଭ କରିବାର ସୁଯୋଗ ପାଇବ । ଶ୍ରମିକ ଓ ଶ୍ରମିକ ପିଲାମାନଙ୍କ ଶିକ୍ଷା, କୁଶଳତା ବୃଦ୍ଧି ନିମନ୍ତେ ଏକ ଶ୍ରମିକ ବିଦ୍ୟାପୀଠ ପ୍ରତିଷ୍ଠା କରାଯିବା ପାଇଁ ଶ୍ରମିକ ଓ ଶ୍ରମିକ ପିଲାମାନେ ଦାବି କରିବାରୁ  ସେ ତାଙ୍କ ଏମ୍ ପି. ଲାଡ଼ ପାଣ୍ଠିରୁ ଅନ୍ୟୁନ୍ୟ ୨୦ ଲକ୍ଷ ଅର୍ଥ ଦେବା କଥା ସଭାରେ ଘୋଷଣା କରିଥିଲେ ।

**ସମାଜସେବୀକା ଲକ୍ଷୀ ଦାସ** କହିଲେ ନିର୍ମାଣ ଶ୍ରମିକ ଓ ଶ୍ରମିକପିଲା ଝାରସୁଗୁଡ଼ାଠାରେ ଗୋଟିଏ ମଞ୍ଚରେ ଏକଜୁଟ ହେବା ଐତିହାସିକ ଭାବରେ ତାତ୍ପର୍ଯ୍ୟପୂର୍ଣ୍ଣ । ଶ୍ରମିକ ଓ ସେମାନଙ୍କ ପିଲା ସାମାଜିକ ନିରାପତ୍ତା ଦାବି ନେଇ ଏକ୍‌ଜୁଟ ହେବା ନିଶ୍ଚିତ ଭାବରେ ନିଆରା ପଦକ୍ଷେପ । ଛାତ୍ର ଛାତ୍ରୀମାନେ ସେମାନଙ୍କ ପିତାମାତାଙ୍କ ବୃତ୍ତି ସଂପର୍କରେ ଅବଗତ ହେବା ଉଚିତ । ଶ୍ରମିକ ଆନ୍ଦୋଳନ ସହ ଚାରି ଦଶନ୍ଧି ମଧ୍ୟରେ ଏପରି ଉଦ୍ୟମ ମୁଁ ପୂର୍ବରୁ କେବେ କେଉଁଠି ଶୁଣି ନାହିଁ କି ଦେଖିନାହିଁ । ଏହି ପ୍ରକ୍ରିୟା ମଧ୍ୟରୁ ଉଭୟ ଶ୍ରମିକ ଓ ଶ୍ରମିକର ପିଲା ବହୁକଥା ଶିକ୍ଷା ଲାଭ କରିବା ସହ ଉଭୟଙ୍କ ମଧ୍ୟରେ ଏକ ଉତ୍ତର ଦାୟିତ୍ୱବୋଧ ଆସି ପାରିବ । ଦେଶରେ ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ ଶ୍ରମିକ କାମ ପାଉନାହିଁ, ମେସିନକୁ କାମରେ ଲଗାଇ ଦିଆଯାଉଛି । ଶ୍ରମିକ ବେରୋଜଗାରୀ ହୋଇପଡୁଛି । ପିଲାମାନେ ଏ ସଂପର୍କରେ ମୁଣ୍ଡ ଖେଳାଇବା ଦରକାର । ଆଜିର ଏହି ଆଲୋଚନା ସଭା ଯେଉଁ ନିର୍ଣ୍ଣୟ ନେବ ତାହା ଭବିଷ୍ୟତରେ ଶ୍ରମିକ ଓ ଶ୍ରମିକ ପିଲାଙ୍କୁ ନୂଆ ସମ୍ଭାବନା ଆଣିଦେବା ସହ- ଧରମା ପ୍ରତିଷ୍ଠାନରେ ସେମାନଙ୍କୁ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିବ । ଧରମା ପ୍ରତିଷ୍ଠାନର ସଭ୍ୟ ସଭ୍ୟାମାନେ ଏପରି ନିଷ୍ଠାପର ଉଦ୍ୟମ ଯାହା ଦେଶ ପାଇଁ ଏକ ଉଦାହରଣ । ଅଭିଭାବକମାନେ ଛାତ୍ରଛାତ୍ରୀମାନଙ୍କୁ ଏହି କାର୍ଯ୍ୟରେ ଉତ୍ସାହିତ କରିବା ସହ ସାହାଯ୍ୟ କରିବା ଦରକାର ।

ଜିଲ୍ଲାପାଳ **ବିଭୂତି ଭୂଷଣ ପଟ୍ଟନାୟକ** କହିଲେ ଶ୍ରମିକ ଓ ଶ୍ରମିକ ପିଲାମାନଙ୍କୁ ନେଇ ଏପରି ମୁଖାମୁଖି ଆଲୋଚନା ଶ୍ରମିକମାନଙ୍କ ହକ୍ ଓ ଅଧିକାର ଲଢ଼େଇରେ ସେମାନଙ୍କୁ ଉତ୍ସାହିତ କରିବ । ଏପରି ଉଦ୍ୟମକୁ ପ୍ରଂଶସା କରିବା ସହ ନିର୍ମାଣ ଶ୍ରମିକ କଲ୍ୟାଣ କୋଷରୁ ଏହି ଶ୍ରମିକ ମାନଙ୍କ ପିଲାମାନେ କିପରି ଅର୍ଥ ସହାୟତା ପାଇ ପାରିବେ ତାହା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଛାତ୍ର ଛାତ୍ରୀମାନେ ଏହି ଅର୍ଥ ପାଇବାରେ ଅସୁବିଧା ହୋଇଥିଲେ ମୋତେ ଜଣାଇବା ପାଇଁ କହିଥିଲେ । ମୁଁ ଆସିବା ପରେ ୩ ବର୍ଷ ଧରି ପଡ଼ିରହିଥିବା ଶ୍ରମିକମାନଙ୍କର ୮୦୦ ରୁ ଅଧିକ ଦରଖାସ୍ତକୁ ତୁରନ୍ତ ଫଇସଲା କରି ସେମାନଙ୍କ ଅର୍ଥ ସହାୟତା ପ୍ରଦାନ କରିଥିଲି ।

ରିପବ୍ଲିକାନ ପାଟିର ରାଜ୍ୟ ସଭାପତି **ସେକ୍ ଅବଦୁଲ ୱାଲି** କହିଲେ ଶ୍ରମିକମାନେ ସେମାନଙ୍କ ପିଲାମାନେ କିପରି ଓ କ'ଣ ପଢୁଛନ୍ତି ତାହା ଜାଣିବା ଓ ଖବର ରଖିବା ଦରକାର । ପିଲାଙ୍କୁ ପଚାରିଲେ ପିତାମାତା କି କାମ କରନ୍ତି ତାହାର ଠିକ୍ ଉତ୍ତର ମଧ୍ୟ ମିଳୁନାହିଁ । ପିତାମାତାର ଏମ୍‌ଜିଏନଆର୍‌ଜିଏ କାର୍ଡ଼ ଅଛି କି ନାହିଁ ପଚାରିଲେ ଉତ୍ତର ମିଳୁନାହିଁ । ସମାଜର ଗଠନମୂଳକ କାମରେ ପିଲାମାନଙ୍କୁ ସାମିଲ କରାଯିବା ଦରକାର । ଛାତ୍ରଛାତ୍ରୀମାନେ ଚାହିଁଲେ ସମାଜର ବହୁ ପରିବର୍ତ୍ତନ ଆଣିପାରିବା ସହ ଶ୍ରମିକମାନଙ୍କର ହକ୍ ଓ ଅଧିକାର କ୍ଷେତ୍ରରେ ଭୂମିକା ଲିଭାଇ ପାରିବେ । ସାମାଜିକ ପରିବର୍ତ୍ତନ ପାଇଁ ଛାତ୍ରଛାତ୍ରୀ ଆଗେଇ ଆସିବା ଦରକାର ।

ପ୍ରଫେସର **ଟହଲୁ ସାହୁ** ଏପରି ଏକ ଉଦ୍ୟମକୁ ସେ ଉଚ୍ଚ ପ୍ରଶଂସା କରି କହିଲେ ଏକ ନିର୍ଦ୍ଦିଷ୍ଟ ଶ୍ରମିକ ଶ୍ରେଣୀ ପିଲାଙ୍କ ସମାରୋହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉତ୍ସାହ ଓ ଆଗ୍ରହ ସୃଷ୍ଟି କରିବ । ଛାତ୍ର ଛାତ୍ରୀମାନଙ୍କ ଏହି ଶିକ୍ଷାବୃତ୍ତି ସଂପର୍କରେ ସେମାନଙ୍କ ପିତାମାତାଙ୍କୁ ବୁଝାଇବା ଦରକାର । ନିର୍ମାଣ ଶ୍ରମିକର ପରିଚୟପତ୍ର ନଥିଲେ ଛାତ୍ର ଛାତ୍ରୀମାନେ ଶିକ୍ଷାବୃତ୍ତି ପାଇପାରିବ ନାହିଁ ଏକଥା ପିଲାମାନେ ଜାଣି ରଖିବା ଦରକାର ।

ଏହି ସମାରୋହରେ ୩୫୦ ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । କୋଣାର୍କ ଠାରେ ଏକ ଛାତ୍ର ସମ୍ମିଳନୀ କରିବା ପାଇଁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଚେରୁମଣି କାଲୋ, ସୁବନ୍ତି ଖଡ଼ିଆ, ମନୋଜ ଖଡ଼ିଆ, ମନୋଜ ସହୁ, ଭାସ୍କର ସତପଥୀ, ଲୋକନାଥ ସାହୁ, କାର୍ଯ୍ୟକ୍ରମକୁ ସହଯୋଗ ଓ ପରିଚାଳନା କରିଥିଲେ ।

ସ୍ୱେଚ୍ଛାସେବୀ ଭାବରେ ଯୋଗ ଦେଇଥିଲେ ରୁବି ନାଏକ, ନବନୀତା ନାଏକ, ନୀତୁ ନାଏକ, ସରସ୍ୱତି ମରେହି, ଦିପ୍ତିମୟୀ କୁମୁରା, ମୁନି ପାଉଲେ, ନମିତା ମାଝି, ସୁକେସିନୀ ନାଏକ, ହିମାଙ୍ଗିନି ସୁହୁଲା, ଆରତୀ ବାଗ, କୁନ୍ତି ନାଏକ, ଭାରତୀ  ଗନ୍ଧା, ଫୁଲମତି ଖଡ଼ିଆ, ରିତୁ ଭୋଇ ସଞ୍ଜୁଲତା ଧୁରୁଆ, ରିଙ୍କି ପାଉଲେ ।



ଶିଶୁ ଶ୍ରମିକ ନିଷିଦ୍ଧ ଓ ଶିଶୁ ଅଧିକାର ଯାତ୍ରାପଥରେ ଦୁଇ ଯୁଗ୍ମ ନୋବେଲ ବିଜେତା କୈଳାସ ସତ୍ୟାର୍ଥୀ ଓ ମାଲାଲା

## ଧରମା ବିଶେଷାଙ୍କ ପାଇଁ ଲେଖା ଆବଶ୍ୟକ

ଧରମା ପ୍ରତିଷ୍ଠାନ ପକ୍ଷରୁ ଏକ **'ସୋଭନିଅର'** ଆସନ୍ତା ଫେବୃୟାରୀ ୨୦୧୮ରେ ପ୍ରକାଶ କରାଯିବ । ଅନିୟମିତ କ୍ଷେତ୍ର ବିଶେଷକରି ନିର୍ମାଣ କ୍ଷେତ୍ର ଶ୍ରମିକ ପିଲାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଅଧିକାର ସଂର୍ପକୀତ ବିଷୟରେ ପ୍ରବନ୍ଧ, କବିତା ଓ ଗଳ୍ପ ସ୍ଥାନ ପାଇବ । ଫେବୃୟାରୀ ୧୫, ୨୦୧୮ ତାରିଖ ସୁଦ୍ଧା ଲେଖା ନିମ୍ନ ଠିକଣାରେ ପହଞ୍ଚାଇବାକୁ ପ୍ରତିଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି ।

ଠିକଣା : ପ୍ଲଟ-୨୫, ମଧୁସୂଦନ ନଗର, ଭୁବନେଶ୍ୱର-୭୫୧୦୦୧, ଓଡ଼ିଶା, ମୋବାଇଲ:୯୪୩୭୯୬୧୨୭୮ Email: dharamafoundation@gmail.com

# ଅପହୃତ ଶୈଶବ

କିଛି ଦିନ ତଳେ ସୋସିଆଲ ମିଡ଼ିଆରେ ଗୋଟିଏ ମର୍ମସ୍ପର୍ଶୀ ଫଟୋଟିଏ ଘୂରି ବୁଲି ଭାଇରାଲ ହୋଇଥିଲା । ଫଟୋଟି ଥିଲା ଯୁଦ୍ଧ ଓ ଆତଙ୍କବାଦ ବିଧ୍ୱସ୍ତ ସିରିଆର ଏକ ଶରଣାର୍ଥୀ ଶିବିରର । ସେଠାରେ ଆଶ୍ରୟ ନେଇଥିବା କୁନି ପିଲାଟିଏ ଚଟାଣରେ ଚକ୍ ଖଡ଼ି ଦ୍ୱାରା ଏକ ସ୍ତ୍ରୀ ଲୋକର ରେଖାଚିତ୍ର ଟାଣି ତା ଉପରେ ମା' ବୋଲି ଲେଖି ଚିତ୍ରଟିର ଛାତି ଉପରେ ଶୋଇ ପଡ଼ିଥିବାର ଦୃଶ୍ୟଟି ଥିଲା, ସେଇ ଫଟୋରେ ଯୁଦ୍ଧରେ ସମ୍ଭବତଃ ଘରଦ୍ୱାର, ବାପା-ମାଆ ଆଦି ସମସ୍ତଙ୍କୁ ହରାଇଥିବା ପିଲାଟି ଏଭଳି ଏକ କଳ୍ପନା ପ୍ରସୂତ ମା'ର କୋଳରେ ଅଭୟ ପାଇ ଶୋଇପଡ଼ିଥିଲା । ଯୁଦ୍ଧ ଦ୍ୱାରା ପୃଥିବୀର ଅନେକ ଦେଶରେ ଶିଶୁମାନେ ସେମାନଙ୍କ ଶୈଶବ ହରାଉଛନ୍ତି । କେବଳ ଯୁଦ୍ଧ ନୁହେଁ, ଦାରିଦ୍ର୍ୟ ମଧ୍ୟ ଆଉ ଗୋଟିଏ ବଡ଼ ଅଭିଶାପ ଯାହା ଶିଶୁମାନଙ୍କ ପାଖରୁ ସେମାନଙ୍କ ଶୈଶବ ଅପହରଣ କରି ନେଇଥାଏ । ନିକଟରେ 'ସେଭ୍ ଦ ଚିଲ୍ଡ୍ରେନ' ନାମକ ପ୍ରସିଦ୍ଧ ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପ୍ରକାଶିତ 'ଅପହୃତ ଶୈଶବ' ଶୀର୍ଷକ ଏକ ରିପୋର୍ଟରେ ଏହି କଥା ହିଁ କୁହାଯାଇଛି । ସେଥିରେ ୧୭୧ ଟି ଦେଶର ଏକ ତାଲିକା ପ୍ରସ୍ତୁତ କରି କୁହାଯାଇଛି ଯେ ଦାରିଦ୍ର୍ୟ ଯୁଦ୍ଧ ଏବଂ ଆଭ୍ୟନ୍ତରୀଣ କନ୍ଦଳ ଆଦି ପୃଥିବୀର ଅଗଣିତ ଶିଶୁଙ୍କ ଶୈଶବକୁ ଅପହରଣ କରିନେଉଛି । ତେବେ ଯାହା ଆମ ପାଇଁ ଉଦ୍‌ବେଗର କଥା ତାହା ହେଲଣ ଏହି ତାଲିକାରେ ଭାରତର ସ୍ଥାନ ହେଉଛି ୧୧୬, ଅର୍ଥାତ୍ ଭାରତର ପ୍ରଦର୍ଶନ ଅତ୍ୟନ୍ତ ନିରାଶାଜନକ । ଆମ ପଡ଼ୋଶୀ ଦେଶ ଭିତରୁ କିଛି ଆମ ଠାରୁ ଢ଼େର ଭଲ ପ୍ରଦର୍ଶନ କରିଛନ୍ତି । ଯେମିତିକି ଏ ତାଲିକାରେ ଚୀନର ସ୍ଥାନ ୪୧, ଶ୍ରୀଲଙ୍କାର ସ୍ଥାନ ୬୧, ଭୁଟାନର ସ୍ଥାନ ୯୩ ଏବଂ ମ୍ୟାମାର ଭଳି ଦେଶର ସ୍ଥାନ ୧୧୨ । ଯେଉଁ ମାନଦଣ୍ଡ ଆଧାରରେ ଏହି ତାଲିକା ପ୍ରସ୍ତୁତ କରାଯାଇଛି ସେଗୁଡ଼ିକ ହେଲା ୫ ବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁ ହାର, ଅପପୁଷ୍ଟିର ଶିକାର ଶିଶୁଙ୍କ ସଂଖ୍ୟା, ସ୍କୁଲ ବାହାରେ ରହିଥିବା ପିଲାମାନଙ୍କ ସଂଖ୍ୟା, ମାନସିକ ଓ ଶାରୀରିକ ଅଭିବୃଦ୍ଧିରେ ଅନଗ୍ରସରତା, ବାଲ୍ୟ ବିବାହ, ଶିଶୁମାନଙ୍କ ଉପରେ ହେଉଥିବା ହିଂସା ଇତ୍ୟାଦି । ଭାରତର ପ୍ରଦର୍ଶନ ଅଧିକାଂଶ ବିଭାଗରେ ଅତ୍ୟନ୍ତ ଦୟନୀୟ ହୋଇଥିବା ଦେଖାଯାଉଛି । କିଛି ଉଦାହରଣରୁ ତାହା ସ୍ପଷ୍ଟ ହେବ । ଯେମିତି କି ଶୂନରୁ ପାଞ୍ଚ ବର୍ଷ ବୟସ୍କ ଶିଶୁମାନଙ୍କ ମୃତ୍ୟୁ ସଂଖ୍ୟାରେ ଭାରତ ପୃଥିବୀରେ ସର୍ବାଧିକ । ପ୍ରତିବର୍ଷ ଭାରତରେ ୧.୨ ନିୟୁତ ପାଞ୍ଚ ବର୍ଷ ବୟସରୁ କମ୍ ବୟସ୍କ ଶିଶୁ ମୃତ୍ୟୁବରଣ କରନ୍ତି, ଯାହା ଏଇ ବୟସ ବର୍ଗରେ ମୃତ୍ୟୁ ବରଣ କରୁଥିବା ପୃଥିବୀ ଯାକର ସବୁ ଶିଶୁଙ୍କ ଏକ ପଞ୍ଚମାଂଶ । ସେଇଭଳି ୪୮.୩ ନିୟୁତ ଶିଶୁ ଶାରୀରିକ ବା ମାନସିକ ଭାବେ ଅଣବିକଶିତ, ଯାହା ମଧ୍ୟ ପୃଥିବୀରେ ସର୍ବାଧିକ । ଭାରତର ଶିଶୁ ଶ୍ରମିକଙ୍କ ସଂଖ୍ୟା ୮.୨୨ ଲକ୍ଷ ଏବଂ ବିବାହ କରୁଥିବା ନାବାଳିକାଙ୍କ ସଂଖ୍ୟା ୧୦.୩ କୋଟି । ପୃଥିବୀର ଅନ୍ୟ କୌଣସି ଦେଶରେ ଏଇ ଦୁଇଟି ବର୍ଗରେ ଏତେ ସଂଖ୍ୟକ ଶିଶୁଙ୍କୁ ଦେଖାଯାଏ ନାହିଁ । ତେବେ, ଏ କଥା ନୁହେଁ ଯେ ଭାରତରେ ସ୍ଥିତିରେ ଉନ୍ନତି ଆସିନାହିଁ । ୨୦୦୫ ରୁ ୨୦୧୫ ଭିତରେ ଏ ସବୁ କ୍ଷେତ୍ରରେ ସ୍ଥିତିରେ ଉନ୍ନତି ଆସିଛି, କିନ୍ତୁ ତଥାପି ଯେଉଁ ଦୃଶ୍ୟଟି ସାମନାରେ ଅଛି ତାହା ଅତ୍ୟନ୍ତ ଚିନ୍ତାଜନକ । ଏହା ଅନସ୍ୱୀକାର୍ଯ୍ୟ ଯେ ଆମ ଦେଶର ସରକାର କେବଳ ଜାତୀୟ ଆୟ ବା ଜିଡ଼ିପିରେ ବୃଦ୍ଧି ଅଥବା ବିକାଶର ଅଭିବୃଦ୍ଧି ହାରକୁ ନେଇ ଚିନ୍ତିତ ଏବଂ ସେଥିରେ ଉନ୍ନତି ଦେଖା ଦେଲେ ତାକୁ ନେଇ ମୁଖର । କିନ୍ତୁ ମାନବ ବିକାଶରେ ଉନ୍ନତି ଆଣିବାରେ ସରକାର ବିଫଳ ହୋଇଛନ୍ତି । ଏଇ ମର୍ମରେ ବିକାଶର ଅନ୍ତର୍ଭୁକ୍ତୀକରଣ ଉପରେ ଗୁରୁତ୍ୱ ଦିଆଯିବା କଥା ଉଠୁଛି । ଭାରତର ମାତ୍ରାଧିକ ଜନସଂଖ୍ୟା ମାନବ ବିକାଶ କ୍ଷେତ୍ରରେ ଏକ ବାଧକ ବୋଲି ଅନେକ ସମୟରେ ଯୁକ୍ତି ଉଠୁଛି । କିନ୍ତୁ ଭାରତ ଭଳି ଚୀନ ମଧ୍ୟ ଏକ ବିଶାଳ ଜନସଂଖ୍ୟାକୁ ବହନ କରିଥିବା ଏକ ଦେଶ । ତେଣୁ, ଚୀନ ଯଦି ମାନବ ବିକାଶ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିପାରୁଛି ତେବେ ଭାରତ କରି ନପାରିବ କାହିଁକି ? ତେବେ, ଏ ସବୁ ତଥ୍ୟ ଓ ସୂଚନାକୁ ସ୍ୱୀକାର ତଥା ଗ୍ରହଣ କଲା ବେଳେ ମନରେ ଆଉ ଏକ ପ୍ରକାର ପ୍ରଶ୍ନ ଉଠେ । ତାହା ହେଲା, କେବଳ ଦାରିଦ୍ର୍ୟ ଓ ଯୁଦ୍ଧ ପ୍ରପୀଡ଼ିତ ଅଞ୍ଚଳର ଅସହାୟ ଶିଶୁଙ୍କ ଶୈଶବ ଅପହୃତ ହୋଇଥାଏ ବୋଲି ଯେଉଁ ଧାରଣ ରହିଛି, ତାହା କ'ଣ ସତରେ ଯଥାର୍ଥ ? ପ୍ରାଚୁର୍ଯ୍ୟରେ ଭରା ତଥା ମାନବ ବିକାଶରେ ସବୁଠାରୁ ଭଲ ପ୍ରଦର୍ଶନ କରୁଥିବା ପାଶ୍ଚାତ୍ୟ ତଥା ସ୍କାଣ୍ଡିନେଭୀୟ ଦେଶର ଶିଶୁମାନଙ୍କ ଅପହୃତ ଶୈଶବ ବିଷୟରେ କିଞ୍ଚିତ ଆଲୋଚନା କରାଯିବା ଜରୁରୀ ନୁହେଁ କି ? ଅପହୃତ ଶୈଶବ ନେଇ ଯେଉଁ ୧୭୧ ଟି ଦେଶର ତାଲିକା ପ୍ରକାଶ ପାଇଛି ସେଥିରେ ପ୍ରଥମ ଦଶଟି ଦେଶ ଭିତରେ ଅଛନ୍ତି ନରୱେ, ଫିନଲାଣ୍ଡ, ବେଲଜିଅମ, ପର୍ତ୍ତୁଗାଲ ଓ ଇଟାଲି ଭଳି ଦେଶ । ଯେଉଁ ସବୁ ମାନଦଣ୍ଡ ଅନୁସାରେ ଅପହୃତ ଶୈଶବର ମାପ କରାଯାଇଛି ସେ ସବୁ ମାନଦଣ୍ଡରେ ଉପରୋକ୍ତ ଦେଶ ସବୁ ନିଶ୍ଚିତ ଭାବେ ଦରିଦ୍ର ତଥା ଯୁଦ୍ଧାକ୍ରାନ୍ତ ଦେଶଗୁଡ଼ିକ ତୁଳନାରେ ଢ଼େର ଆଗରେ ଅଛନ୍ତି । କିନ୍ତୁ ଯଦି ବିବାହରେ ବିଚ୍ଛେଦ ବା ବିଖଣ୍ଡିତ ପରିବାର ବା ବାପା-ମା'ଙ୍କ କର୍ମ ବ୍ୟସ୍ତତା ହେତୁ ପରିବାର ବା ଘର ଛଡ଼ା ହେଉଥିବା ଶିଶୁମାନଙ୍କ କଥା ବିଚାରକୁ ନିଆଯାଏ, ତେବେ ସେମାନଙ୍କ ଶୈଶବ ମଧ୍ୟ ଯେ ଅପହୃତ ହୋଇଥାଏ, ସେଥିରେ ସନ୍ଦେହ ନାହିଁ । କିନ୍ତୁ ଯେହେତୁ ପ୍ରାଚୁର୍ଯ୍ୟର ଅଧିକାରୀମାନଙ୍କ ଦ୍ୱାରା ସ୍ଥିର କରାଯାଇଥିବା ମାନଦଣ୍ଡକୁ ନିର୍ବିବାଦୀୟ ବୋଲି ଧରାଯାଏ, ଅପହୃତ ଶୈଶବ କଥା ବିଚାର କଲା ବେଳେ ଉପରୋକ୍ତ ଦିଗ ସବୁ ବିବେଚନାକୁ ନିଆଯାଏ ନାହିଁ । ଯୁଦ୍ଧ ପାଇଁ ହେଉ ବା ଦାରିଦ୍ର୍ୟର ତାଡ଼ନା ଲାଗି ହେଉ ଭିଟାମାଟି ଛାଡୁଥିବା ଲୋକଙ୍କ ଯେଉଁ ଫଟୋଚିତ୍ର ଅନେକ ସମୟରେ ବିଭିନ୍ନ ପତ୍ରପତ୍ରିକାରେ ଛପାଯାଏ ବା ଟେଲିଭିଜନ ପରଦାରେ ଦେଖିବାକୁ ମିଳେ ସେଥିରେ ଗୋଟିଏ ପିଲାକୁ ପିଠିରେ ବାନ୍ଧି, ଆଉ ଗୋଟିଏ ପିଲାକୁ କାଖେଇ ଓ ତୃତୀୟ ପିଲାର ହାତକୁ ଧରି ଘର ଛାଡ଼ି କେଉଁ ଦୂର, ଅପରିଚିତ ଅଥଚ ଅପେକ୍ଷାକୃତ ନିରାପଦ ଆଶ୍ରୟ ସ୍ଥଳକୁ ଯାତ୍ରା କରୁଥିବା ମହିଳାମାନଙ୍କ ଲମ୍ବା ଧାଡ଼ିରେ ଯାତ୍ରା । ସେଥିରୁ ବୁଝିହୁଏ ଯେ ଦାରିଦ୍ର୍ୟ ଓ ଯୁଦ୍ଧ ଦ୍ୱାରା ପ୍ରପୀଡ଼ିତ ସମାଜରେ ବଢୁଥିବା ପିଲାମାନଙ୍କ ଠାରୁ କେବଳ ସେମାନଙ୍କ ଶୈଶବ ନୁହେଁ, ଅନେକ କିଛି ଅପହୃତ ହୋଇଯାଏ ସିନା, ସେମାନଙ୍କ ଲାଗି ସେମାନଙ୍କ ପାରିବାରିକ ନିରାପତ୍ତା କିନ୍ତୁ ଅନପହରଣୀୟ ହୋଇ ରହିଥାଏ । ସେଥିଲାଗି ତ ଯୁଦ୍ଧ ବିଧ୍ୱସ୍ତ ସିରିଆର ଏକ ଶରଣାର୍ଥୀ ଶିବିରରେ ଜୀବନର ସବୁ କିଛି ହରାଇଥିବା ଶିଶୁଟିଏ ଲାଗି ମା'ର ରେଖାଚିତ୍ରଟିଏ ଆଙ୍କି ତା ପାଖରେ ଶୋଇଯିବା ଏକ ଆବଶ୍ୟକତା ହୋଇଯାଏ । ଅପହୃତ ଶୈଶବର ଆଲୋଚନା ବେଳେ ଏ ବାବଦରେ ବି କ୍ଷଣିଏ ଚିନ୍ତା କରାଯାଇପାରେ !

ଉତ୍ସ: ସମ୍ବାଦ

## ନିର୍ମାଣ ଶ୍ରମିକଙ୍କୁ କଲ୍ୟାଣ କୋଷରୁ ମିଳୁଥିବା ବିଭିନ୍ନ ସୁବିଧା ସଂପର୍କରେ ଏଠାରେ ସୂଚନା ପ୍ରଦାନ କରାଗଲା ।

| କ୍ର.ନଂ | ବିଭିନ୍ନ ଯୋଜନାରେ ଶ୍ରମିକଙ୍କୁ ମିଳୁଥିବା ଆର୍ଥିକ ସହାୟତା | ଅର୍ଥ ସହାୟତା ରାଶି |
|---|---|---|
| ୧ | ଶ୍ରମିକର ଦୁର୍ଘଟଣାରେ ମୃତ୍ୟୁ ହେଲେ | ୨ ଲକ୍ଷ ଟଙ୍କା |
| ୨ | ସ୍ୱାଭାବିକ/ସାଧାରଣ ମୃତ୍ୟୁ ହେଲେ | ୧ ଲକ୍ଷ ଟଙ୍କା |
| ୩ | ଶ୍ରମିକର ମୃତ୍ୟୁ ଅନ୍ତ୍ୟେଷ୍ଟି କ୍ରିୟା ନିମନ୍ତେ | ୫,୦୦୦/- |
| ୪ | ଶ୍ରମିକ ଦୁର୍ଘଟଣାରେ ପଡ଼ିଲେ ସହାୟତା ବା ଅକ୍ଷମତା / କ୍ଷତି ଅନୁପାତରେ | ୧ ଲକ୍ଷ ୭୫ ହାଜାର ପର୍ଯ୍ୟନ୍ତ |
| ୫ | ଶ୍ରମିକଙ୍କୁ ବୃତ୍ତିଭିତ୍ତିକ ପେନସନ୍ ସହାୟତା | ମାସିକ ଟ.୫୦୦/- |
| ୬ | ଦୂରାରୋଗ୍ୟ ବ୍ୟାଧି ଯଥା: କ୍ୟାନ୍‌ସର, ହୃଦ୍ ରୋଗ ଓ ବୃକ୍‌କ ଆଦି ଚିକିତ୍ସା ସହାୟ | ସମସ୍ତ ଖର୍ଚ୍ଚର ସହାୟତା । |
| ୭ | ଯନ୍ତ୍ରପାତି କ୍ରୟ ସହାୟତା | ୪,୦୦୦/- |
| ୮ | ଗୃହ ନିର୍ମାଣ ପାଇଁ ସହାୟତା | ୧ ଲକ୍ଷ ୫୦ ହଜାର ଟଙ୍କା |
| ୯ | ଶ୍ରମିକର କୁଶଳତା ବୃଦ୍ଧି (Skill development) ନିମନ୍ତେ ସହାୟତା | ୬,୦୦୦/- |
| ୧୦ | ମାତୃତ୍ୱ କାଳୀନ (Materanity benifite) ସହାୟତା | ୨୦,୦୦୦/- |
| ୧୧ | ଶ୍ରମିକର ଦୁଇଟି ଝିଅ ବାହାଘର ପାଇଁ ସହାୟତା | ୫୦ ହଜାର ଟଙ୍କା |
| ୧୨ | ସୁରକ୍ଷା ଜନିତ ଓ ସାଇକେଲ କ୍ରୟ ପାଇଁ ସହାୟତ | ୫ ହଜାର ଟଙ୍କା |




ବିବେକାନନ୍ଦ ମେହେର ମହାବିଦ୍ୟାଳୟ, ଭୁଲିଆସିକୁଁଆ, ନୂଆପଡ଼ା ଜିଲ୍ଲାରେ ଧରମା ଫାଉଣ୍ଡେସନ ପକ୍ଷରୁ ଶିକ୍ଷାବୃତ୍ତି ସହାୟତା ବିଷୟରେ ଆଲୋଚନା ସଭା




ଧରମା ଫାଉଣ୍ଡେସନ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାର ତାଲମୁଣ୍ଡା ମହିଳା ମହାବିଦ୍ୟାଳୟ ଠାରେ ଶିକ୍ଷାବୃତ୍ତି ସହାୟତା ବିଷୟରେ ଆଲୋଚନା ସଭା

## ନିର୍ମାଣ ଶ୍ରମିକ କଲ୍ୟାଣ କୋଷରୁ ନିମ୍ନ, ଉଚ୍ଚ ମାଧ୍ୟମିକ, ଯୁକ୍ତ ୨, ଯୁକ୍ତ ୩ ଓ ପି.ଜି ପିଲାଙ୍କ ନିମନ୍ତେ ଶିକ୍ଷା ବୃତ୍ତି ସହାୟତା

| କ୍ର.ନଂ | ଶ୍ରେଣୀ | ବର୍ଷକୁ (ଟଙ୍କା) |
|---|---|---|
| ୧ | ୬ଷ୍ଠ ରୁ ୮ମ ଶିକ୍ଷା ପାଇଁ | ୨,୦୦୦/- |
| ୨ | ୯ମ ଶିକ୍ଷା ପାଇଁ | ୩,୦୦୦/- |
| ୩ | ୧୦ମ ଶିକ୍ଷା ପାଇଁ | ୪,୦୦୦/- |
| ୪ | +୨, ଶିକ୍ଷା ପାଇଁ | ୫,୦୦୦/- |
| ୫ | +୩, ଶିକ୍ଷା ପାଇଁ | ୭,୦୦୦/- |
| ୬ | ଆଇ.ଟି.ଆଇ ଶିକ୍ଷା ପାଇଁ | ୭,୦୦୦/- |
| ୭ | ଡ଼ିପ୍ଲୋମା ଶିକ୍ଷା ପାଇଁ | ୧୦,୦୦୦/- |
| ୮ | ଟେକ୍ନିକାଲ ଶିକ୍ଷା ପାଇଁ | ୧୦,୦୦୦/- |
| ୯ | ଯେଉଁ ଛାତ୍ରଛାତ୍ରୀମାନେ ଦଶମ ଶ୍ରେଣୀରେ ୯୦ ଶତକଡ଼ାରୁ ଅଧିକ ରଖିବେ ସେମାନଙ୍କ ପାଇଁ ଏକକାଳୀନ ଦଶ ହଜାର ଟଙ୍କା ଦିଆଯିବ | ୧୦,୦୦୦/- |
| ୧୦ | ବି.ଇଡ଼ି, ସିଟି, ବି.ଟେକ୍, ଏମ୍‌ସିଏ, ଏମ୍‌ବିଏ, ଏମ୍‌ଏସ୍‌ସି, ବି.ଫାର୍ମ, ଏମ୍.ଫାର୍ମ, ହୋଟେଲ ମେନେଜମେଣ୍ଟ, ଡ଼ାକ୍ତରି, ପିଜି ଶିକ୍ଷା ପାଇଁ, ନର୍ସ ଟ୍ରେନିଂ | ୪୦,୦୦୦/- |

## ଶିଶୁ, ଶିଶୁ ଅଧିକାର ଏବଂ ଶିଶୁ ସୁରକ୍ଷା ସଂପର୍କିତ କେତେ ଗୁଡ଼ିଏ ଉପାଦେୟ ସୂଚନା

ଯାହାର ବୟସ ୧୮ ବର୍ଷରୁ କମ୍ । ଅନ୍ୟମାନଙ୍କ ପରି ଶିଶୁର ମଧ୍ୟ ସାମାଜିକ ସ୍ଥିତି ଅଛି । ପ୍ରତ୍ୟେକ ଶିଶୁ ଭିତରେ ବିଭିନ୍ନ ଅନ୍ତର୍ନିହିତ ଗୁଣ ରହିଛି । ପ୍ରତ୍ୟେକ ଶିଶୁର ଆତ୍ମସମ୍ମାନ ରହିଛି ଏବଂ ଏହାକୁ ଅକ୍ଷୁର୍ଣ୍ଣ ରଖିବା ସମସ୍ତ ନାଗରିକଙ୍କ ଦାୟିତ୍ୱ । ଶିଶୁର ନିରୀହତାର ସୁଯୋଗ ନେଇ ସେମାନଙ୍କୁ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲଗାଯାଏ ଯାହା ଶିଶୁମାନଙ୍କର ବିପଦଶଙ୍କୁଳତାକୁ ବହୁଗୁଣିତ କରିଥାଏ ।

**ଆଇନ୍ ଓ ବିଧି ବ୍ୟବସ୍ଥା:** ଶିଶୁର ସଂଜ୍ଞା, କିଶୋର ନ୍ୟାୟ(ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ୍, ୨୦୦୦ ଏବଂ ଏହାର ସଂଶୋଧନ ଆଇନ୍ ୨୦୦୬ ରେ ବର୍ଣ୍ଣନା କରାଯାଇଅଛି । (ପ୍ରଥମ ଅଧ୍ୟାୟ, ଧାରା ୨ର ଉପଧାରା-(କ) ୧୯୮୯ରେ ମିଳିତ ଜାତିସଂଘ ଶିଶୁ ଅଧିକାର ଘୋଷଣାନାମା ଶିଶୁର ସଂଜ୍ଞା ବିଷୟରେ ବର୍ଣ୍ଣିତ । ଜାତୀୟ ଶିଶୁନୀତି, ୨୦୧୩ ଆମୁଖରେ ଶିଶୁର ବୟସ ନିର୍ଦ୍ଧାରିତ । ଶିଶୁ ଅଧିକାର ସମୂହ ଏକ ବୃହତ ସଂରଚନା । ଏହା ଅନ୍ତର୍ଗତ ବିଭିନ୍ନ ବୈଧାନିକ, ସାମାଜିକ, ରାଜନୈତିକ, ଅର୍ଥନୈତିକ ତଥା ସାଂସ୍କୃତିକ ଅଧିକାର ଗୁଡ଼ିକ ଅନ୍ତର୍ଭୁକ୍ତ । ଶିଶୁ ଅଧିକାର ଗୁଡ଼ିକୁ ମୁଖ୍ୟତଃ ୪ ଭାଗରେ ବିଭକ୍ତ କରାଯାଇଅଛି । ଯଥା- (କ) ବଞ୍ଚିବାର ଅଧିକାର, (ଖ) ବିକାଶର ଅଧିକାର, (ଗ) ସୁରକ୍ଷାର ଅଧିକାର, (ଘ) ଭାଗ ନେବାର ଅଧିକାର

**୧) ଶିକ୍ଷାଲାଭ ଅଧିକାର:** ପ୍ରତ୍ୟେକ ଶିଶୁ(ଝିଅ ହେଉ ଅବା ପୁଅ), ତାହାର ଜନ୍ମ ନେବାର ଅଧିକାର ଅଛି । ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଓ ପୃଷ୍ଟିକର ଖାଦ୍ୟ ପାଇବାର ଅଧିକାର ରହିଛି । ଗୋଟିଏ ନାମ ଏବଂ ଜାତୀୟତାର ପରିଚୟ ପାଇବାର ଅଧିକାର ରହିଛି ।

**୨) ବିକାଶ କରିବାର ଅଧିକାର:** ଶିଶୁର ସର୍ବୋତ୍ତମ ବିକାଶ ପାଇଁ ଆମୋଦ ପ୍ରମୋଦ ତଥା ମନୋରଞ୍ଜନ ନିମନ୍ତେ ସୁଯୋଗ ଦେବା । ଶିକ୍ଷା ଲାଭ କରିବା ଶିଶୁର ଜନ୍ମଗତ ଅଧିକାର । ପ୍ରତ୍ୟେକ ଶିଶୁକୁ ସୁରକ୍ଷା ଯୋଗାଇ ଦେବାର ଆବଶ୍ୟକତା ଅଛି । ଶିକ୍ଷାଲାଭ, ଦକ୍ଷତା ଅର୍ଜନ, ଜ୍ଞାନ ଆହରଣ କରିବା ପ୍ରତ୍ୟେକ ଶିଶୁର ସମାନ ଅଧିକାର ରହିଛି । ଶିଶୁମାନଙ୍କ ଅଧିକାର ନିମନ୍ତେ ରାଷ୍ଟ୍ର ତାହାର ଦାୟିତ୍ୱ ପାଳନ କରିବ ଯାହା ଶିଶୁର ଭବିଷ୍ୟତ ବିକାଶକୁ ପ୍ରତ୍ସୋହନ ଦେବାସହ, ଆବଶ୍ୟକ ପରିବେଶ ଏବଂ ସହଯୋଗ ଅର୍ନ୍ତନିହିତ ଶକ୍ତି ବୃଦ୍ଧି କରିପାରୁଥିବ ।

**୩) ସୁରକ୍ଷା ପାଇବାର ଅଧିକାର:** ଶୋଷଣ ତଥା କୁପୋଷଣରୁ ଶିଶୁଙ୍କୁ ରାଷ୍ଟ୍ର ସୁରକ୍ଷା ଦେବ । ନିର୍ଯାତନାରୁ ଶିଶୁଙ୍କୁ ସୁରକ୍ଷା ଦେବା । ଅବହେଳାରୁ ସୁରକ୍ଷା, ଶିଶୁର ଅଧିକାର ଜରୁରୀକାଳୀନ ପରିସ୍ଥିତି, ସାମରିକ ଯୁଦ୍ଧ, ପ୍ରାକୃତିକ ବିପର୍ଯ୍ୟୟ କିମ୍ୱା ଶାରୀରିକ ଭିନ୍ନକ୍ଷମ ଭଳି ସ୍ୱତନ୍ତ୍ର ଆବଶ୍ୟକତା କ୍ଷେତ୍ରରେ ସୁରକ୍ଷା ବ୍ୟବସ୍ଥା, ଶିଶୁର ଅଧିକାର । ଶିଶୁ ଦେଶର ଯେଉଁଠାରେ ବାସ କରନ୍ତୁନା କାହିଁକି ରାଷ୍ଟ୍ର ତାକୁ ସୁରକ୍ଷା ଯୋଗାଇଦେବ । ଏକ ନିରାପଦ ପରିବେଶ ସହ ରାଷ୍ଟ୍ର ସମସ୍ତ ପ୍ରକାର ହିଂସା, ଅପମାନ ଜନକ ଭାଷା, ଅବହେଳା, ଅନିଷ୍ଟ, ଅପବାଦ, ଭେଦଭାବ, ଅଧିକାରରୁ ବଞ୍ଚିତ ନହେବା ଭଳି ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ।

**୪) ଭାଗନେବାର ଅଧିକାର:** ସ୍ୱାଧୀନ ଭାବରେ ନିଜର ଅଭିବ୍ୟକ୍ତି ପ୍ରକାଶ କରିବାର ଅଧିକାର, ସମୁଚିତ ସୂଚନା ଲାଭ କରିବା ଶିଶୁର ଅଧିକାର, ସ୍ୱାଧୀନ ଭାବେ ଚିନ୍ତା କରିବାର ଅଧିକାର, ବିବେକାନୁମୋଦିତ କାର୍ଯ୍ୟ ତଥା ନିଜ ପସନ୍ଦ ମୁତାବକ ଯେ କୌଣସି ଧର୍ମରେ ସାମିଲ ହୋଇପାରିବ, ଖେଳକୁଦ, ନାଚ, ଗୀତ ଓ ଚିତ୍ରକଳାରେ ଭାଗନେବା ଶିଶୁର ଅଧିକାର ରହିଛି । ରାଷ୍ଟ୍ରର ପ୍ରାଥମିକ ଦାୟିତ୍ୱ ଶିଶୁଙ୍କୁ ତାର ଅଧିକାର ସଂପର୍କରେ ଅବଗତ କରିବା ସହ ସୁସ୍ଥ ପରିବେଶ, ଆବଶ୍ୟକୀୟ ସୁବିଧା, କୁଶଳତା ବୃଦ୍ଧି ନିମନ୍ତେ ସହଯୋଗ ଓ ସହାୟତା କରିବ ।



କନ୍ଦୋମାଲ ଓ ବରପାଣି ଠାରେ ନିର୍ମାଣ ଶ୍ରମିକ ପିଲାଙ୍କ ଆଞ୍ଚଳିକ ଶିଶୁ ମହୋତ୍ସବରେ କୁନି ହାତର କରାମତି

# ପରିବର୍ତ୍ତନଶୀଳ ଦୃଶ୍ୟପଟ୍ଟରେ ସାମାଜିକ ନିରାପତ୍ତା ପ୍ରସଙ୍ଗରେ ଶ୍ରମିକ ଓ ଶ୍ରମିକ ପିଲାଙ୍କ ମିଳିତ ଅଭିଯାନର ଆବଶ୍ୟକତା

## (ଅନିୟମିତ ଶ୍ରମିକ ନେତୃତ୍ୱ ପରିଚାଳିତ ପ୍ରକ୍ରିୟାରୁ ଶିଶୁ ଶିକ୍ଷା ଲାଭ କରିବା ପରିପ୍ରେକ୍ଷୀରେ....)

ନନ୍ଦିନୀ ବୟସ ୧୪ । ଆଖି ଝଲସିଗଲା ପରି ଚିତ୍ରକଳା ସହ ସୁନ୍ଦର ନୃତ୍ୟରେ ସେ ଖୁବ୍ ପାରଙ୍ଗମ ଥିଲା । ବ୍ଲକ ସ୍ତରୀୟ ଚିତ୍ରକଳା ପ୍ରତିଯୋଗିତାରେ ପ୍ରଥମ ହୋଇ ଜିଲ୍ଲା ସ୍ତରକୁ ମନୋନିତ ହୋଇଥିଲା । ନୃତ୍ୟରେ ମଧ୍ୟ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାକୁ ଯିବା ପାଇଁ ପ୍ରସ୍ତୁତି ହେଉଥିଲା । ନିଜର ଭବିଷ୍ୟତକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲା । ହଠାତ୍ ତାର ସ୍ୱପ୍ନ ଭାଙ୍ଗିଗଲା । ନିଜ ଅଞ୍ଚଳରେ କାମ ଧନ୍ଦା ଅଭାବରୁ ସପ୍ତମ ଶ୍ରେଣୀ ଅଧାରୁ ପାଠ ଛାଡ଼ି ଦିନେ ହଠାତ୍ ପରିବାର ସହ ସୁଦୂର ମୁମ୍ବାଇ ଚାଲିଯିବାକୁ ବାଧ୍ୟ ହୋଇଥିଲା । ପାଠପଢ଼ା ଓ ସାଂଗ ସାଥୀ ଛାଡ଼ି ନନ୍ଦିନୀ ମୁମ୍ବାଇ ଯିବା ପାଇଁ ଆଦୌ ଚାହୁଁ ନଥିଲା । ଶେଷରେ ବାପାଙ୍କ କଥାମାନି ପରିବାର ସହ ମୁମ୍ବାଇ ଚାଲିଯିବାକୁ ବାଧହେଲା । ଝିଅର ନାମ ଲେଖା ପାଇଁ ମୁମ୍ବାଇର ଯେଉଁ ଅଞ୍ଚ କେତୋଟି ବିଦ୍ୟାଳୟକୁ ଯାଇ ପିତା ଦେବାନନ୍ଦ ବୁଝା ବୁଝି କରି ଦେଖିଲା, ତାହା ତାହାର ସ୍ୱପ୍ନକୁ ଦୋହଲାଇ ଦେଲା । ଝିଅର ନାମ ଲେଖା ଲକ୍ଷାଧିକ ଟଙ୍କା ଶୁଣି ଦେବାନନ୍ଦ ଛାନିଆ ହୋଇ ପଡ଼ିଲା । ନନ୍ଦିନୀର ପାଠପଢ଼ା କଥା ଆଉ ଚିନ୍ତା କରିବ କ'ଣ ତାକୁ ସବୁ କିଛି ଅନ୍ଧାର ଦେଖାଗଲା । ଦିନେ ହଠାତ୍ ଝିଅକୁ କହିଲା ମା' ମୁଁ ତୋତେ ପାଠପଢାଇ ପାରୁ ନାହିଁ, ତୁ ଆଉ ଘରେ ବସିବୁ କାହିଁକି, ଚାଲ ଆମ ସହ କିଛି କାମ କରିବୁ । ଦୁଇ ପଇସା ଘରକୁ ଆସିଲେ ଆମେ ଏଠାରେ ଭଲରେ ଚଳିବା । ହଠାତ୍ ବାପାଙ୍କର ଏ କଥା ଶୁଣି ନନ୍ଦିନୀ ଚମକି ପଡିଲା । ତାର ସ୍ୱପ୍ନକୁ ଦୋହଲାଇ ଦେବା ସହ ଗୋଡ଼ ତଳର ମାଟି ଖସି ଗଲାପରି ନନ୍ଦିନୀକୁ ଲାଗିଲା । ବାପାର କଥାମାନି ମୁମ୍ବାଇ ଆସିଲା ସତ ମାତ୍ର ତା'ର ଭବିଷ୍ୟତ ଶ୍ରେଣୀ କୋଠରୀରେ ନୁହେଁ ବରଂ ଇଟା, ବାଲି ଓ ସିମେଣ୍ଟ ସହ ରହିଛି ବୋଲି ନିଜକୁ ସାନ୍ତ୍ୱନା ଦେଲା । ଶ୍ରେଣୀ କୋଠରୀ ପାଲଟିଗଲା କାର୍ଯ୍ୟସ୍ଥଳୀ ।

ବାପାଙ୍କ ସହଯୋଗୀ ଭାବରେ କାମ ଆରମ୍ଭ କଲା ମାତ୍ର ନନ୍ଦିନୀର ମନ ସେହି କାମରେ ଆଦୌ ଲାଗିଲାନାହିଁ । ଗାଁର ବିଦ୍ୟାଳୟ, ସାଙ୍ଗସାଥୀ ଓ ଗାଁର ପରିବେଶ କଥା ମନେପକାଇ ବହୁତ କାନ୍ଦିଲା । ମାତ୍ର ସେ ନାଚାର । ବାପା ମା' ଯାହା କହିବେ ତାକୁ ତ ମାନିବାକୁ ହେବ । ସେଥିପାଇଁ ସେ ପ୍ରତିବାଦ କରିପାରିଲା ନାହିଁ । ମନକୁ ବୁଝାଇ କାମକୁ ବାହାରିଲା ଓ ସେହି ରେଜା କାମରେ ନିଜକୁ ଧିରେ ଧିରେ ଅଭ୍ୟସ୍ତ କରିବାକୁ ଲାଗିଲା । ପାଠ ପଢ଼ି ନନ୍ଦିନୀ ଡ଼ାକ୍ତର, ଇଞ୍ଜିନିୟର ବା ଉଚ୍ଚ ଅଧିକାରୀ ହୋଇଥାଆନ୍ତା କି ନାହିଁ ତାହା ଆମେ କହିବା କଷ୍ଟ, ମାତ୍ର ଚିତ୍ରକଳା ବା ନୃତ୍ୟରେ ସେ ଯେ ରାଜ୍ୟ ପାଇଁ ଜଣେ ପ୍ରତିଷ୍ଠିତ ଓ ଉଚ୍ଚମାନର କଳାକାର ହୋଇ ସୁନାମ ଆଣିବା ସହ ନିଜକୁ ଉଚ୍ଚ ସୋପାନରେ ପହଞ୍ଚାଇ ପାରିଥାଆନ୍ତା ସେଥି ନେଇ କାହାର ସନ୍ଦେହ ନଥିଲା । ତା'ର ପାଠ ପଢ଼ା ବନ୍ଦ ହେବା ସହ ସାଠ (ନିଜ ମଧ୍ୟରେ ଥିବା ପ୍ରଚଣ୍ଡ ପ୍ରତିଭା) ମଧ୍ୟ ସବୁଦିନ ପାଇଁ ବନ୍ଦ ହୋଇଗଲା । ସମସ୍ତ ସ୍ୱପ୍ନ ତାର ଅଧାରାସ୍ତାରେ ଚୁରମାର ହେଲା । ତା'ର ଅପାଠୁଆ ପିତା ମାତା କଳାର ମହତ୍ୱକୁ ନ ବୁଝି ପାରିବା କାରଣରୁ ତା ମଧ୍ୟରେ ଥିବା ପ୍ରତିଭାର ଅପମୃତ୍ୟୁ ଘଟିଲା । ପାଠ ପଢ଼ିନଥିବା ପିତାମାତା କଳାର ଗୁରୁତ୍ୱ ବୁଝିଥାଆନ୍ତେ ବା କିପରି ? ଦେବାନନ୍ଦର ବାପା ମୂଲିଆ ଥିଲା ଦେବାନନ୍ଦକୁ ସେହି ରାସ୍ତାକୁ ଆପଣାଇବାକୁ ହେଲା । ନିଜେ ମୂଲିଆ ହେବା ସହ ନିଜର ପିଲାଛୁଆଙ୍କୁ ମୂଲିଆ କରିବା ଏକ ପରମ୍ପରା ଭାବରେ ନିଜକୁ ମାନି ନେଲା । ନିର୍ମାଣ ଶ୍ରମିକମାନଙ୍କ ହକ୍, ଅଧିକାର ଓ ସାମାଜିକ ନିରାପତ୍ତା ପ୍ରଶ୍ନ ନେଇ କାମ କଲାବେଳେ ଗାଁ ଓ ସହରତଳିରେ ଅନେକ ପିଲାଙ୍କୁ ଭେଟିଛୁ ସେମାନଙ୍କ ମଧ୍ୟରେ ଭରପୁର ପ୍ରତିଭାକୁ ଦେଖିଛୁ ଓ ଅନୁଭବ କରିଛୁ । ପାଠପଢ଼ା ବନ୍ଦ ହୋଇଯିବାରୁ ସେ ଶିକ୍ଷାର ମୁଖ୍ୟସ୍ରୋତରୁ ହଠାତ୍ ବିଚ୍ଛିନ୍ନ ହୋଇଯିବା କାରଣରୁ ତା' ମଧ୍ୟରେ ଥିବା ପ୍ରତିଭା ଓ କଳା ମଧ୍ୟ ଧ୍ୱଂସ ହୋଇଗଲା । ଅଧାରୁ ପାଠ ବନ୍ଦ କରି ଶ୍ରେଣୀ କୋଠରୀ ଛାଡ଼ି ଚାଲିଯାଉଥିବା ଏହିସବୁ ପିଲାଙ୍କ କଥା ଆମ ମନକୁ ବାରମ୍ବାର ଆନ୍ଦୋଳିତ କରି ଆସୁଥିଲା । ସେହି ପିଲାମାନେ କିପରି ବିଦ୍ୟାଳୟକୁ ପୁଣିଥରେ ଫେରି ଆସିବେ, ସେମାନେ ଫେରିଲେ ସେମାନଙ୍କ ପ୍ରତିଭା ମଧ୍ୟ ଫେରି ଆସିବ ତାହା ଆମ ପାଇଁ ବଡ଼ ପ୍ରଶ୍ନ ହୋଇଥିଲା । ଏହା ଅନୁଭବ କରି ସେମାନଙ୍କର ପିତାମାତା (ମଞ୍ଚର ସଦସ୍ୟ ଓ ସଦସ୍ୟାଙ୍କ) ସହ ବାରମ୍ବାର ବୈଠକ ବସି ଆଲୋଚନା କରାଗଲା । ପ୍ରଥମ ବୈଠକରେ ଏହାକୁ ଆଂଶିକ ସମର୍ଥନ ମିଳିଲା । ସେହି ସମର୍ଥନ ଓ ଶିକ୍ଷାକୁ ପୁଞ୍ଜିକରି ପରବର୍ତ୍ତି ଆଲୋଚନାକୁ ଆଗେଇ ନେବାକୁ ହେଲା । ଅନ୍ୟ କେତେ ଗୁଡ଼ିଏ ସ୍ଥାନରେ ଶ୍ରମିକମାନଙ୍କ ସହ ଆଲୋଚନା ମଧ୍ୟ ଜାରି ରହିଲା ।





ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ହଜାର ହଜାର ପିଲାଙ୍କ ମଧ୍ୟରେ ପ୍ରଚଣ୍ଡ ପ୍ରତିଭା ରହିଥିଲେ ମଧ୍ୟ ତାହା ସୁବିଧା, ସୁଯୋଗ ଓ ସମ୍ବଳ ଅଭାବରୁ ପ୍ରସ୍ଫୁଟିତ ନ ହୋଇ ବଣର ମଲ୍ଲି ପରି ଅକାଳରେ ଝଡ଼ି ପଡୁଛି । ଶ୍ରମିକମାନେ କଳାର ମହତ୍ୱକୁ ବୁଝିଲେ ସେମାନଙ୍କ ପିଲାଙ୍କ ଭାଗ୍ୟର ପରିବର୍ତ୍ତନ ହେବା ସହ ଭବିଷ୍ୟତ ନିର୍ମାଣ ହୋଇ ପାରିବ । ଶ୍ରମିକ ମଞ୍ଚ ଦ୍ୱାରା ପରିଚାଳିତ ଶାଖା ମାନଙ୍କରେ ପିଲାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ବିଷୟରେ ସମାନ ଚର୍ଚ୍ଚା ଆରମ୍ଭ ହେଲା । ବାରମ୍ବାର ଅଲୋଚନା ପରେ ମଞ୍ଚରେ ସଦସ୍ୟ/ସଦସ୍ୟା ଥିବା ଶ୍ରମିକମାନେ ସେମାନଙ୍କ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ପ୍ରଥମ କରି କିଛି ଶ୍ରମିକ ଆଗ୍ରହ ଦେଖାଇଲେ । ମଞ୍ଚର ସାଧାରଣ ପରିଷଦ ବୈଠକରେ ଏ ସମ୍ପର୍କରେ ବ୍ୟାପକ ଚର୍ଚ୍ଚା ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଗଲା । ୧୯୯୬ରେ ସଂସଦରେ ପ୍ରଣୟନ ହୋଇଥିବା କୋଠା ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ ଠିକ୍ ଏହି ସମୟରେ ବସ୍ତୁତଃ ଓଡ଼ିଶାରେ କାର୍ଯ୍ୟକାରୀ କରାଯିବା ପାଇଁ ସରକାର ଘୋଷଣା କଲେ । ଏହି କ୍ଷେତ୍ରରେ କାର୍ଯ୍ୟକରୁଥିବା ଶ୍ରମିକମାନଙ୍କୁ ସାମାଜିକ ନିରାପତ୍ତା ମିଳିବା ଏକ ପ୍ରକାର ସୁନିଶ୍ଚିତ ହେବା କଥା ଜାଣିବା ପରେ ଶ୍ରମିକମାନେ ଉତ୍ସାହିତ ହେଲେ । ନିଜକୁ କିଛି ଅଂଶରେ ସୁରକ୍ଷିତ ମଣିବାରୁ ପିଲାଙ୍କ ଶିକ୍ଷାରେ ସହଯୋଗର ହାତ ବଢ଼ାଇବା ପାଇଁ ବସ୍ତୁତ ରାଜି ହେଲେ । ଗ୍ରାମ ଓ ବସ୍ତିରେ ମଞ୍ଚ ଦ୍ୱାରା ଗଠିତ ଓ ପରିଚାଳିତ କେତେଗୁଡ଼ିଏ ଶାଖା କମିଟି ମାନେ ଆପଣା ଶାଖାରେ ବୈଠକ କରି ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଲେ । ୨୦୧୭ ମସିହାରେ ପ୍ରଥମଥର କରି ଶ୍ରମିକ ଓ ଶ୍ରମିକ ପିଲାଙ୍କର ଏକ

ମୁଖାମୁଖି ଭାବବିନିମୟ ସମ୍ମିଳନୀ ତ୍ୱରାନ୍ୱିତ କରିବାରେ ସହାୟକ ହେଲା । ସମ୍ମିଳନୀର ପ୍ରସ୍ତାବ କ୍ରମେ ପିଲାମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ନିମନ୍ତେ କେତେଗୁଡ଼ାଏ ଗ୍ରାମରେ ନିର୍ମାଣ ଶ୍ରମିକ ପିଲାମାନଙ୍କୁ ନେଇ ସାଂସ୍କୃତିକ ଦଳ ଗଠନ କରାଗଲା । ଏହି ପିଲାମାନଙ୍କୁ ନେଇ ଏକ "ସାଂସ୍କୃତିକ ମହୋତ୍ସବ" ପାଳନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ସାମାଜିକ ନିରାପତ୍ତା ପ୍ରଶ୍ନ ନେଇ ଶ୍ରମିକମାନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ନିର୍ମାଣ ଶ୍ରମିକ ନେତୃତ୍ୱ ପରିଚାଳିତ ପ୍ରକ୍ରିୟା ଶିଶୁ ଶିକ୍ଷା ପ୍ରକ୍ରିୟାରେ ରୂପାନ୍ତରିତ ହେବା ନିଶ୍ଚିତ ଭାବରେ ନିର୍ମାଣ ଶ୍ରମିକ ପିଲାମାନଙ୍କ ପାଇଁ ଏକ ନୂତନ ସମ୍ଭାବନା ଆଣିଦେଲା । ଶ୍ରମିକ ଓ ଶ୍ରମିକ ପିଲାଙ୍କୁ ନେଇ ଏକ ଶିଶୁ ମହୋତ୍ସବ ଝାରସୁଗୁଡାର ଶିକ୍ଷାଞ୍ଚଳ ପଡ଼ିଆରେ ଆୟୋଜନ କରାଗଲା । ଚିତ୍ରକଳା, ନାଚ, ଗୀତ ଓ ଖେଳ ଏମିତି ଚାରି ଗୋଟିରେ ପ୍ରତିଯୋଗିତା କରାଗଲା । ଅଧାରୁ ପାଠ ଛାଡ଼ି ଚାଲିଯାଇଥିବା ନିର୍ମାଣ ଶ୍ରମିକ ପିଲାମାନେ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣକରି ନିଜ ମଧ୍ୟରେ ଥିବା ପ୍ରଚଣ୍ଡ ପ୍ରତିଭାକୁ ପ୍ରତିପାଦିତ କରି ଦର୍ଶକମାନଙ୍କୁ ବିମୁଗ୍ଧ କରିଦେଇଥିଲେ । ଶ୍ରମିକମାନଙ୍କ ଦ୍ୱାରା ଏହି ପ୍ରକ୍ରିୟା ପରିଚାଳିତ ହୋଇଥିବାରୁ ଏହା ଅନ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆଦୃତି ଲାଭ କଲା । ଏହି ଶିଶୁ ମହୋତ୍ସବ ଆୟୋଜନ ଫଳରେ ଶିଶୁମାନେ ହରାଇଥିବା ପ୍ରତିଭାକୁ କେତେକାଂଶରେ ଫେରିପାଉଥିବାର ଦେଖାଗଲା । ଯାହା ଶିଶୁମାନଙ୍କୁ ବିଦ୍ୟାଳୟକୁ ଫେରିଯିବାକୁ ପ୍ରେରଣା ଯୋଗାଇଲା । ଶ୍ରମିକ ଓ ଶ୍ରମିକ ପିଲାମାନଙ୍କ ମନରେ ଗଭୀର ଭାବରେ ରେଖାପାତ କଲା ।

ନାଚରେ ମନ୍ଦାକିନୀ, ସଂଯୁକ୍ତା, ଗୀତରେ ସ୍ୱପ୍ନା ଓ କୈଳାସ, ଖେଳରେ ଦେବ ଓ ଅନୀଲ ଓ ଚିତ୍ରାଙ୍କନରେ ଅନିତା, ମୀନା ଓ ସୁକାନ୍ତି ଶିଶୁ ମହୋତ୍ସବରେ ନିଜର କୃତୀତ୍ୱ ଦେଖାଇ ପୁରସ୍କୃତ ହେଲେ । ମଞ୍ଚ ସହ ସଂଯୁକ୍ତ ଥିବା ଶ୍ରମିକ ସମୁଦାୟଙ୍କୁ ଏହି ମହୋତ୍ସବ ଏକ ଭରସା ଦେବାସହ ଏହା ସେମାନଙ୍କୁ ବହୁ ଭାବରେ ଉତ୍ସାହିତ କରିବା ସହ ଅନେକ ପ୍ରେରଣା ଦେଲା । ନାଚ, ଗୀତ ଓ ଚିତ୍ରକଳାରେ ସେମାନଙ୍କ ପିଲାମାନେ ଭଲ କରିବା ଦେଖି ଆଶ୍ଚାର୍ଯ୍ୟ କରିଦେଇଥିଲା । ପିତାମାତାଙ୍କ ମଧ୍ୟରେ ଅଭୂତ ପୂର୍ବ ଉତ୍ସାହ ଆଣିଦେଲା । ଅନ୍ୟପକ୍ଷରେ ପିଲାମାନଙ୍କୁ ପାଠ ନପଢ଼ାଇ ଯେଉଁ ତୃଟି କରି ଆସିଛନ୍ତି, ତାହା ଶ୍ରମିକମାନଙ୍କ ମନରେ ଅନୁତାପ ଆଣିଲା । ଶ୍ରମିକମାନେ ନିଜର ଭୁଲକୁ ବୁଝିବା ସହ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ ନିଜ ମଧ୍ୟରେ ନିଷ୍ପତ୍ତି ନେଲେ ।

ଶ୍ରମିକ ନେତୃତ୍ୱ ପରିଚାଳିତ ପ୍ରକ୍ରିୟା ନିର୍ମାଣ ଶ୍ରମିକମାନଙ୍କ ହକ୍, ଅଧିକାର ଓ ସାମାଜିକ ସୁରକ୍ଷା ପ୍ରଶ୍ନ ନେଇ କାର୍ଯ୍ୟ କରୁଥିବାରୁ ପିଲାଙ୍କର ଏକ ସ୍ୱତନ୍ତ୍ର ମଂଚ ଗଠନ ପାଇଁ ଶ୍ରମିକମାନେ ଜିଦ୍ ଧରିଲେ । ଶିକ୍ଷା, ସ୍ୱାସ୍ଥ୍ୟ ଓ ଖେଳକୁଦର ବିକାଶ ନିମନ୍ତେ ପିଲାଙ୍କର ଏକ ମଞ୍ଚ ଗଢ଼ା ଯିବାର ଆବଶ୍ୟକତା ପଡ଼ିଲା । ଏହାର ଆବଶ୍ୟକତାକୁ ଅନୁଭବ କରି ପିଲାଙ୍କର ଏକ ସ୍ୱତନ୍ତ୍ର ମଞ୍ଚ ଗଠନ ନିମନ୍ତେ ଉତ୍ସାହଜନକ ସମର୍ଥନ ବିଭିନ୍ନ କ୍ଷେତ୍ରରୁ ମିଳିଲା । ଶ୍ରମିକ ପିଲାମାନଙ୍କର ସେହି ଉତ୍ସାହ ଓ ଆଗ୍ରହ ପୂରଣ କରିବା ନିମନ୍ତେ ଉଦ୍ୟମ ଆରମ୍ଭ କରାଗଲା । ନିର୍ମାଣ କାମ ସହ ଯୋଡ଼ିହୋଇଥିବା ଏକ ନାମ ଚୟନ ନିମନ୍ତେ କିଛି ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ମତାମତ ମଧ୍ୟ ଲୋଡ଼ାଗଲା । ଶେଷରେ 'ଧରମା' ର ନାମ ବେଶି ଆଦୃତ ହେବାରୁ ସର୍ବସମ୍ମତିକ୍ରମେ ତାହା ଚୟନ କରାଗଲା । ଧରମା ନାମଟି ନିର୍ମାଣ କ୍ଷେତ୍ର ଶିଳ୍ପୀ ସମୁଦାୟଙ୍କ କାମକୁ ବୁଝାଉଥିବାରୁ ତାହା ସମସ୍ତଙ୍କ ଦ୍ୱାରା ଆଦୃତ ଲାଭ କଲା । ନିର୍ମାଣ କ୍ଷେତ୍ରରେ ସମସ୍ତ ପିଲାଙ୍କର ଏହା ଏକ ମଞ୍ଚ ଭାବରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି କରାଗଲା । ନବେ ଦଶକରେ ଓଡ଼ିଶାରେ ଆରମ୍ଭ କରାଯାଇଥିବା ଜଗତୀକରଣ, ଘରୋଇକରଣ ଓ ଉଦାରୀକରଣ ଅନିୟମିତ କ୍ଷେତ୍ର ଶ୍ରମିକମାନେ ବହୁ ଭାବରେ ପ୍ରଭାବିତ ହେଲେ । ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ସାମାଜିକ ସୁରକ୍ଷାକୁ ସରକାର ପ୍ରତ୍ୟାହାର କରି ନେବା ଓ ଏହି ବଞ୍ଚିତ ଶ୍ରମଜୀବୀ ସେମାନଙ୍କ ଜୀବନ ଜୀବିକା ପ୍ରଶ୍ନ ନେଇ ଯେପରି ବ୍ୟସ୍ତ ଓ ବିବ୍ରତ ରହିବେ, ସେମାନେ ଆଉ ସଂଘବଦ୍ଧ ହୋଇ ଯେପରି ସେମାନଙ୍କ ହକ୍ ଓ ଅଧିକାର ପାଇଁ ପ୍ରତିବାଦ ଲଢ଼େଇ କରି ପାରିବେ ନାହିଁ ତାହାର ଷଡ଼ଯନ୍ତ୍ର କରାଗଲା । ଶ୍ରମିକ ତାର ହକ୍ ଓ ଅଧିକାର ହାସଲ ପାଇଁ ଶ୍ରମିକ ସଂଘମାନେ ବହୁ ବର୍ଷ ଧରି ଆନ୍ଦୋଳନ ଓ ଲଢ଼େଇର ନିଜର ଦାବି ହାସଲ କରିବାରେ ଏକ ବଳିଷ୍ଠ ମାଧ୍ୟମ ହୋଇଥିଲା । ମାତ୍ର ଶିଳ୍ପ ସଂସ୍ଥାର ମାଲିକମାନଙ୍କ ଚାପରେ ଶ୍ରମିକମାନଙ୍କ ସଂଘ ଓ ସଂଘର୍ଷକୁ ଦୁର୍ବଳ କରାଯାଉଛି । ଶ୍ରମିକ ସଂଘର ଲଢ଼େଇକୁ ହାତାଦର କରିବା ସଂଗେ ସଂଗେ ନେତୃତ୍ୱ ନେଉଥିବା ଶ୍ରମିକଙ୍କୁ ନାନା ହଇରାଣ ହରକତ କରିବା ସହ ଛଟେଇ କରିଦେବାର ଧମକ ଦିଆଯାଉଛି । କମ୍ପାନୀ ଓ ମାଲିକ ସହ ଶ୍ରମିକର ମୂଲଚାଲ କରିବାର ପ୍ରକ୍ରିୟାକୁ ଦୁର୍ବଳ କରିଦିଆଯାଉଛି । ଶ୍ରମିକ ଖାଇବାକୁ ନପାଉ, ଔଷଧ କିଣିବାକୁ ପଇସା ପାଉ ବା ନପାଉ, ସୁରକ୍ଷା ତାକୁ ମିଳୁ ବା ନମିଳୁ, ସାମାଜିକ ନିରାପତ୍ତା ଥାଉ ବା ନଥାଉ କମ୍ପାନୀ ଲାଭ କରିବା ଦରକାର । ଶ୍ରମିକର କାନ୍ଧରେ ଚଢ଼ି ମାଲିକଙ୍କୁ ମୁନାଫାର ପାହାଡ଼ ତିଆରି କରିବାକୁ ହେବ । ଶିଳ୍ପ ସଂସ୍ଥାମାନଙ୍କ ଏହି ପ୍ରକାର କୌଶଳ ଓ ଆକ୍ରମଣରେ ଶ୍ରମିକ ନିଜକୁ ଅତି ଅସୁରକ୍ଷିତ ଓ ଅସହାୟ ମନେକରୁଛି ଆଜିର ଦିନରେ ।

ଅର୍ଥନୀତିର ଘରୋଇକରଣ ପରେ ଘରୋଇ ମାଲିକମାନେ ଖୁବ୍ ଶକ୍ତିଶାଳୀ ହୋଇପଡୁଥିବା ବେଳେ ଶ୍ରମିକ ଖୁବ୍ ଏକାକୀ ଓ ଦୁର୍ବଳ ହୋଇ ପଡ଼ିଛି ଓ ବଡ଼ ବଡ଼ ଶକ୍ତିମାନଙ୍କ ବିରୁଦ୍ଧରେ ମିଳିତ ହୋଇ ଲଢ଼େଇ କରିବା ତା' ପାଇଁ ଆଜି ସମ୍ଭବ ହେଉନାହିଁ । ଠକାମି ଓ ଶୋଷଣରେ ଶ୍ରମିକ ଏଠି ଅଣନିଶ୍ୱାସୀ ହୋଇ ପଡୁଛି । ଶ୍ରମିକ ଧୋକା ପାଇ ମାନସିକ ଆଘାତରେ ଘରକୁ ଫେରୁଛି । ସହଯୋଗୀ ଶ୍ରମିକର ସହାୟତା ତାକୁ ମିଳୁନାହିଁ । ଅନ୍ୟ ଉପାୟ ନପାଇ ଶ୍ରମିକଟି ଭାଗ୍ୟ ଓ ଭଗବାନ ଉପରେ ଛାଡ଼ି ଦେଉଛି । ଏହି ସବୁ ଆକ୍ରମଣକୁ ଶ୍ରମିକ ଏକାକୀ ସମ୍ନା କରିବା ଆଜିର ଦିନରେ ସମ୍ଭବ ହେଉନାହିଁ । ରାଷ୍ଟ୍ରର ତରବାରି ଶ୍ରମିକ ବିପକ୍ଷରେ କାର୍ଯ୍ୟକରୁଛି । ଶ୍ରମିକମାନଙ୍କୁ ସେମାନଙ୍କ ହକ୍, ଅଧିକାର ଓ ଲଢ଼େଇରେ ସହଯୋଗ ନିମନ୍ତେ ଶ୍ରମିକର ପିଲାଙ୍କୁ ହାତ ବଢ଼ାଇବା ପାଇଁ ଧରମା ପ୍ରତିଷ୍ଠାନ ଆହ୍ୱାନ କରୁଛି । ଏହି ପୃଷ୍ଠ ଭୂମିରେ ଶ୍ରମିକମାନଙ୍କ ଉପରେ ନୂଆ ରୂପରେ ହେଉଥିବା ଅନ୍ୟାୟ ଓ ଶୋଷଣ ବିରୋଧି ବିନ୍ଦୁରେ ଶ୍ରମିକ ଓ ଶ୍ରମିକ ପିଲା ମିଳିତ ହୋଇ ଲଢ଼େଇ କରିବାର ଆବଶ୍ୟକ ଦେଖାଦେଇଛି । ଏହି ଆହ୍ୱାନ ପଛରେ ଶ୍ରମିକ ଓ ତା'ପରିବାରର ପ୍ରତ୍ୟେକ୍ଷ ଓ ପରୋକ୍ଷ ସ୍ୱାର୍ଥ ରହିଛି । ଶ୍ରମିକଙ୍କୁ ସାମାଜିକ ନିରାପତ୍ତା, ନିଯୁକ୍ତି ନିରାପତ୍ତା, ସ୍ୱାସ୍ଥ୍ୟ ନିରାପତ୍ତା ଓ ଉଚିତ ପ୍ରାପ୍ୟ ଦେବାକୁ ରାଜ୍ୟ ଓ କେନ୍ଦ୍ର ସରକାର ନାରାଜ । ହକ ଓ ଅଧିକାର ପାଇବାକୁ ହେଲେ ସେମାନଙ୍କ ପିଲା ଯେଉଁମାନେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି ସେମାନଙ୍କର ସହଯୋଗ ନିତ୍ୟାନ୍ତ ଜରୁରୀ ମନେ ହେଉଛି । ଶ୍ରମିକର ପିଲା ସମୁଦାୟ ବ୍ୟବସ୍ଥାକୁ ବୁଝିବା ସହ ଶ୍ରମିକ ନେତୃତ୍ୱ ପରିଚାଳିତ ଶିଶୁ ଅଧିକାର ପ୍ରକ୍ରିୟାକୁ ଅତି ନିକଟରୁ ଦେଖିବ, ପରଖିବ ଓ ଶିକ୍ଷା ଲାଭ କରିବ । ଏହି ବାଟରେ ପିଲାମାନଙ୍କର ଯେଉଁ ଅନୁଭବ ଓ ଅନୁଭୂତି ଆସିବ ତାହା ସେମାନଙ୍କୁ ସମାଜର ଗଠନ ମୂଳକ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିବ । ଶ୍ରମିକର ହକ୍, ଅଧିକାର, ବିଷମତା, ଶୋଷଣ, ଶ୍ରମ ଅର୍ଥନୀତି, ସମାଜ ବ୍ୟବସ୍ଥା ଓ ଦେଶ ଦୁନିଆକୁ ବୁଝିବାରେ ସହାୟକ ହେବ । ପଶ୍ଚିମ ଓଡ଼ିଶା, ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର ଆଦିବାସୀ ଇଲାକାର ଶ୍ରମିକ ପିଲାମାନେ ଦାୟିତ୍ୱ ଏଡ଼ାଇଯାଉଥିବା, ଫୁଲା ଫାଙ୍କା ଓ ଲଗାମହୀନ ହୋଇ ପଡୁଥିବା ଶିକ୍ଷିତ ଯୁବକମାନେ ଏହି କ୍ଷେତ୍ରରେ ରହିଥିବା ଅସମତା ଦୂର କରିବାରେ ଏକ ଭୂମିକା ନେଇ ପାରିବେ । ତାହା ଶ୍ରମିକ ଶ୍ରେଣୀର ମନୋବଳ ବୃଦ୍ଧି କରିବା ସହ ଶ୍ରମିକ ଶ୍ରେଣୀର ଏକ ଛାତ୍ର ଶକ୍ତି ଭାବରେ ସରକାର ଓ ବ୍ୟବସ୍ଥା ଉପରେ ଅଧିକ ଚାପ ସୃଷ୍ଟି କରିପାରିବେ । ଶ୍ରମିକମାନଙ୍କ ଦାବି ଅଧିକ ପ୍ରଭାବଶାଳୀ ହୋଇ ପାରିଲେ ଶ୍ରମିକମାନଙ୍କୁ ସେଥିରୁ ଫାଇଦା ଉଠାଇପାରିବେ । ଶ୍ରମିକ ପିଲାଙ୍କୁ ଶ୍ରମିକମାନଙ୍କ ମୌଳିକ ସମସ୍ୟା ଓ ହକ୍ ଅଧିକାର ପ୍ରଶ୍ନ ସହ ଯୋଡ଼ିବା ପଛରେ ଯେଉଁ ମହତ୍ତ୍ୱ ଉଦ୍ଦେଶ୍ୟ ରହିଛି ତାହା ପୂରଣ ହେବାରେ କିଛି ମାତ୍ରାରେ ସହାୟକ ହେବ ।

ଏହି ଛାତ୍ର ଛାତ୍ରୀମାନେ ନିର୍ମାଣ କ୍ଷେତ୍ର ଶ୍ରମିକମାନେ ବିଭିନ୍ନ ସମସ୍ୟାରେ ଛନ୍ଦିହୋଇ ଅଧା ରାସ୍ତାରେ ପଡ଼ି ହାମୁଡ଼େଇ ପଡୁଥିବା ସେମାନଙ୍କ ପିତାମାତାଙ୍କୁ ସହଯୋଗ କରିବାକୁ ହେବ । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଶ୍ରମ ପ୍ରତି ରହିଥିବା ବିମୁଖତାକୁ ଦୂର କରିବା ସହ ପିଲା ଓ ଅଭିଭାବକ ମଧ୍ୟରେ ରହୁଥିବା ଦୂରତାକୁ କମାଇବା ପାଇଁ ଏହି ପ୍ରୟାସ ଓ ଆଲୋଚନା ଯଥେଷ୍ଟ ନହୋଇ ପାରେ, ମାତ୍ର ନିର୍ମାଣ ଶ୍ରମିକ ପିଲାଙ୍କୁ ଧରମାର ଏହି ଅଭିଯାନ ଭରସା ଦେବା ସହ ସେମାନଙ୍କ ମନରେ ଏକ ନୂତନ ଆଂଶା ସଂଚାର କରିବ ବୋଲି ଆମର ଆଶା ଓ ବିଶ୍ୱସ ।

"ସାମାଜିକ ନିରାପତ୍ତା ପ୍ରଶ୍ନ ନେଇ ଶ୍ରମିକମାନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ନିର୍ମାଣ ଶ୍ରମିକ ନେତୃତ୍ୱ ପରିଚାଳିତ ପ୍ରକ୍ରିୟାରୁ ଶିଶୁ ଅଧିକାର ଓ ସୁରକ୍ଷା ପ୍ରକ୍ରିୟାକୁ କ୍ରମେ ରୂପାନ୍ତରିତ ହୋଇପାରିଲା । ଅଧାରୁ ପାଠ ଛାଡ଼ି ଚାଲିଯାଉଥିବା ନିର୍ମାଣ ଶ୍ରମିକ ପିଲାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଠାବ କରି ସେମାନଙ୍କ କଳାକୃତି, ସୃଜନାତ୍ମକତାର ବିକାସ ଘଟାଇବା ସହ ଶିଶୁଙ୍କୁ ପୁଣି ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଧରମା ପ୍ରତିଷ୍ଠାନ ପ୍ରୟାସ କରିଆସୁଛି । କୋମଳ ବୟସରୁ କାମରେ ପିଲାମାନଙ୍କୁ ନିୟୋଜନ କରିବା ଫଳରେ ସେମାନଙ୍କ ମଧ୍ୟରେ ଥିବା ପ୍ରତିଭା ପ୍ରସ୍ଫୁଟିତ ହୋଇ ନପାରି ଅଧା ବାଟରେ ତାର ମୃତ୍ୟୁ ହେଉଛି ଓ ଏହା ଦ୍ୱାରା ଦେଶର ଭବିଷ୍ୟତ ମାନବ ପୁଞ୍ଜିର ଏକ ବହୁଳ ଅଂଶ ନଷ୍ଟ ହେଉଛି । ଭବିଷ୍ୟତର ମାନବ ପୁଞ୍ଜିକୁ ଧ୍ୱଂସମୁଖରୁ ରକ୍ଷା କରିବା ପାଇଁ ସମାଜର ସବୁ କ୍ଷେତ୍ରରୁ ଉଦ୍ୟମର ଆବଶ୍ୟକତା ରହିଛି । ଏହି ପ୍ରକ୍ରିୟା ଶିଶୁ ମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା ସହ ଆଗ୍ରହ ସୃଷ୍ଟି କରିଛି । ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶିଶୁମାନଙ୍କୁ ଫେରାଇ ଆଣି ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରାଯାଇ ପାରିଲେ ସେହି ଶିଶୁମାନେ ଦିନେ ଦେଶର ଭବିଷ୍ୟତର ଭାଗ୍ୟ ହୋଇପାରିବା ସହ ଦେଶ ଓ ସମାଜର ବିକାଶରେ ଅବଦାନ ରହନ୍ତା"

# ଆମ ପିଲାଏ

ଦାସ ବେନହୁର

ଆମ ପିଲାଏ ବୋଲି କହିଲେ କଥାଟା ଖୁବ୍ ବ୍ୟାପକ ଶୁଣାଯାଉଛି । ସତେ ଯେମିତି ସାରା ବିଶ୍ୱର ପିଲାମାନେ ଆମର । କଳା, ଗୋରା, ଧନୀ, ଦରିଦ୍ର ବିଚାର ସବୁ ଭୁଲି ଆମ ବିଶ୍ୱଶିଶୁର କଥା ଅବା କହୁଛୁ । ହେଲେ ସାରା ବିଶ୍ୱର ପିଲାମାନଙ୍କୁ ଏକ ଭଳି ଦେଖିବା ଏ ଯାଏ କାହା ଦ୍ୱାରା ସମ୍ଭବ ହୋଇ ନାହିଁ । ଯେଉଁ ଅନୁଷ୍ଠାନଗୁଡ଼ିକ ନିଖିଳ ବିଶ୍ୱର ସଂଗଠନ ବୋଲି କହି ପିଲାମାନଙ୍କ ଭିତରର କଥା କହୁଛନ୍ତି ସେମାନେ ପ୍ରକୃତରେ ସବୁ ପିଲାଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି ନା ତଳୁଆମାନଙ୍କୁ ଦୟା କରନ୍ତି ?

ସବୁ ସଂଗଠନ ମଣିଷ ଦ୍‌ବାରା ପରିଚାଳିତ । ଶହେ କେ ଅନେଶ୍ୱତ ଲୋକ ଏକ ଉପର ତଳ ବିଚାରର ପାଲରେ ପଡ଼ିଥାନ୍ତି । ସେଥିରୁ ବର୍ତ୍ତିବା ସହଜ ନୁହେଁ । ସେ ଭଳି ଉଦାରପଣ ଦେଖାଇ ଯେ ସର୍ବଜନହିତାୟର କାମ କରନ୍ତି ନାହିଁ ସେ କଥା ନୁହେଁ । ମାତ୍ର ସେମାନଙ୍କର ବିଚାର ମୂଳତଃ ଦୟା ଭାବନା ଦ୍ୱାରା ପରିଚାଳିତ । ଧନୀ ବ୍ୟକ୍ତି, ଧନାଢ଼୍ୟ ଅନୁଷ୍ଠାନ ବା ଧନୀଶାଳୀ ଦେଶମାନେ ଅବିକଶିତ ଦେଶର ପିଲାମାନଙ୍କୁ କିଛି ଦେଲେ ବା ସେମାନଙ୍କର ଉପକାର କଲେ ତାହାକୁ ସାହାଯ୍ୟ ବା ଦାନ ବୋଲି ବିଚାର କରନ୍ତି । ଭାବନ୍ତି ନାହିଁ ଯେ ପିଲାମାନେ ସାରା ସଂସାରର । ସାରା ବିଶ୍ୱକୁ ଗୋଟିଏ ଘର କରି ଦେଲେ ସେ ଏ ଦେଶର ଆଉ ଆରଜଣକ ଅନ୍ୟ ଦେଶର ବୋଲି ଯେଉଁ ବିଚାରଣା ତାହା ରହନ୍ତା ନାହିଁ ।

ବାୟୁ ଆମର ଜୀବନ । ଏ ବିଶ୍ୱମଣ୍ଡଳରେ ଖେଳିବୁଲୁଥିବା ବାୟୁ କେଉଁ ଦେଶର ? ସୂର୍ଯ୍ୟ ସକଳ ଶକ୍ତିର ଅଧିକାରୀ । ପୃଥିବୀ ସାରା ସୂର୍ଯ୍ୟକିରଣ ବିଛେଇ ପଡୁଛି । ଖରା ପଡୁଛି ବୋଲି ଜୀବଜଗତ ଅଛି । ଏ ଖରା କେଉଁ ଦେଶର ନା କ'ଣ ? ଜଳ ଆକାଶରେ ଅଛି, ଭୂଇଁ ଭିତରେ ଅଛି ପୁଣି ଭୂଇଁ ଉପରେ ଅଛି । କେଉଁ ଦେଶର ସୀମାରେଖା ଭିତରେ ତାହା ବନ୍ଦୀ ନୁହେଁ । ଜଳ ଉପରେ ସାରା ବିଶ୍ୱର ସମାନ ଅଧିକାର ରଖିବା ଉଚିତ । ଅଥଚ ଜଳକୁ ନେଇ ଯେତେ ସବୁ ସମସ୍ୟା । ଜଳ କେଉଁ ଦେଶର ନା କ'ଣ ? ଆକାଶରେ ବିଚରଣ କରୁଥିବା ମେଘମାନେ କ'ଣ କେଉଁ ଦେଶର ସରହଦ ଭିତରର କଥା ? ସେହି ଭଳି ମଣିଷ, ପୁଣି ମଣିଷ-ଶିଶୁ ।

ବଡ଼ ମଣିଷମାନେ ବୟସ କ୍ରମରେ ସାମର୍ଥ୍ୟ ହାସଲ କରନ୍ତି । ବୃଦ୍ଧ, ରୋଗୀ ଓ ଭିନ୍ନକ୍ଷମ ବା ଦିବ୍ୟାଙ୍ଗମାନଙ୍କୁ ଛାଡ଼ି ଦେଲେ ପ୍ରତ୍ୟେକ ମଣିଷ ନିଜଲାଗି ସାଧନ ସଂଗ୍ରହ କରିବା ଏକ ଜରୁରୀ କଥା । ଯେ ସମର୍ଥ ଥାଇ ନପାରିଲା ବା ଅଳସୁଆ ହେଲା ତା' ପାଇଁ କେହି ବି ଦାୟୀ ରହିବେ ନାହିଁ । ମାତ୍ର ମଣଷ-ଶିଶୁ ? ସେ ତ ଜୀବଜଗତରେ ସବୁଠାରୁ ଅସହାୟ ପ୍ରାଣୀ । ତା'କୁ ବଢ଼େଇବା କୁଢ଼େଇବା କେବଳ ତା' ମାଆବାପା ବା ସେ ଜନ୍ମ ହୋଇଥିବା ଦେଶର ଦାୟିତ୍ୱ ନୁହେଁ । ଏହା ସାରା ବିଶ୍ୱର ଦାୟୀତ୍ୱ । ଯେତେବେଳେ ବୟସ୍କ ମଣିଷ ଅଛନ୍ତି ସମସ୍ତଙ୍କର ଏକ ଗୁରୁ ଦାୟିତ୍ୱ ରହିଛି ସାରା ପୃଥିବୀର ଶିଶୁମାନଙ୍କ ପ୍ରତି ।

ପାଣି, ପବନ, ଖରା ପରି ମଣିଷ ଶିଶୁ । ସେ ସମସ୍ତଙ୍କର । ଏ ମୋ ଦେଶର ଶିଶୁ, ସେ ତୁମ ଦେଶର ଶିଶୁ ବୋଲି କହିବା ଯାହା ଖରା, ପବନ ଓ ପାଣିକୁ ବଣ୍ଟୁଆରା କରିବା ମଧ ତାହା । ଯେଉଁମାନେ 'ସର୍ବଜନ ହିତାୟ', 'ବିଶ୍ୱ ଆମରି ଘର', 'ସାରା ବସୁଧା ଗୋଟିଏ କୁଟୁମ୍ବ', 'ଆମେ ସବୁ ଏକ' ବୋଲି ମୁହଁରେ ଧରନ୍ତି ସେମାନେ ପ୍ରକୃତରେ କାୟୋମନୋବାକ୍ୟରେ ତାହା ବିଶ୍ୱାସ କରନ୍ତି ନାହିଁ ନିଶ୍ଚେ । ନଚେତ୍ ସୋମାଲିଆ, ଇଥିଓପିଆରୁ ଆରମ୍ଭ କରି ନଗଡ଼ା ଯାଏ ଆମେ ଯେଉଁ ଚିତ୍ର ଶିଶୁମାନଙ୍କର ଦେଖୁ ତାହା ଆଦୌ ସମ୍ଭବ ହୁଅନ୍ତା ନାହିଁ । ସାରା ବିଶ୍ୱରେ ଏବେ ଗଣତନ୍ତ୍ର-ଶାସନ । ଲୋକମାନେ ହିଁ ସବୁ ଶାସନର ମୂଳ ଭିତ୍ତି । ଏବଂ କୌଣସି ଲୋକ-ସମୂହରୁ ଶିଶୁ-ମାନେ ବିଚ୍ଛିନ୍ନ ନୁହନ୍ତି । ଅଥଚ ଏ ଦେଶର ଶିଶୁ ସେ ଦେଶର ଶିଶୁ କହି ପ୍ରତି ନିୟତ ସବୁ ଦେଶର ସରକାରମାନେ ଶିଶୁମୃତ୍ୟୁ, ଅପପୁଷ୍ଟି, ଶିଶୁ-ରୋଗର କାରଣ ହୁଅନ୍ତେ ନାହିଁ ।

ଆମ ପିଲାଏ ପ୍ରକୃତରେ କେବଳ ଆମର ନୁହନ୍ତି । ଆମେରିକାର ପିଲାମାନେ କେବଳ ଆମେରିକାର ନୁହନ୍ତି କି ନଗଡ଼ାର ପିଲାମାନେ କେବଳ ନଗଡ଼ା ଗାଁର ନୁହନ୍ତି । ସେମାନେ ସମସ୍ତଙ୍କର, ସାରା ବିଶ୍ୱର । ଯେଉଁ ସଭ୍ୟତା ଶିଶୁର ସର୍ବନିମ୍ନ ଅଧିକାର ଲାଗି ସୁଦ୍ଧା ସଚେତନ ନୁହେଁ ତାହା କ'ଣ ସଭ୍ୟତା ପଦବାଚ୍ୟ ? ଆଜି ପ୍ରାୟ ସବୁ ଦେଶରେ ଶିଶୁ-ଅବହେଳା, ଶିଶୁ ନିର୍ଯ୍ୟାତନା, ଶିଶୁ -ହିଂସା, ଶିଶୁ-ମୃତ୍ୟୁ, ଶିଶୁ-ଅପପୁଷ୍ଟିକୁ ନେଇ ଆଲୋଚନା ହେଉଛି । ହେଲେ ଅସଲରେ ଶିଶୁମାନଙ୍କ ପ୍ରତି ଯେଉଁ ବିଶ୍ୱ-ମନୋଭାବ ଜାଗରିତ ହେବା କଥା ତାହା ହେଉ ନାହିଁ । ସାମର୍ଥ୍ୟ ନ ଥାଇ ଶିଶୁକୁ ଜନ୍ମ ଦେବା ଯେମିତି ଏକ ଘୋର ବିଡ଼ମ୍ବନା ସେମିତି ଜନ୍ମିତ ଶିଶୁକୁ ତା'ର ସର୍ବନିମ୍ନ ସାଧନ ଯୋଗାଇ ନ ପାରିବା ତତୋଧିକ ଏକ ଜଘନ୍ୟ ଅପରାଧ । ପିଲାମାନେ ଆମ ସମସ୍ତଙ୍କର । ଏ ଭାବନା ପ୍ରତ୍ୟେକ ଧର୍ମ, ଶାସନ ଓ ବ୍ୟବସ୍ଥାର ମୂଳକଥା ହେବା ଆବଶ୍ୟକ । ପିଲାମାନେ ଯେ କାହାର ଶତ୍ରୁ ନୁହନ୍ତି, ଏ କଥା କ'ଣ ବୁଝାଇ କହିବାକୁ ପଡ଼ିବ ! ! ! ■

# କାର୍ଯ୍ୟସ୍ଥଳୀରୁ ମୁହଁ ଫେରାଇବା ପାଇଁ ଶିଶୁ ମହୋତ୍ସବ ପିଲାଙ୍କ ମନରେ ବିଶ୍ୱାସ ବଢ଼ାଉଛି

ଝାରସୁଗୁଡ଼ା, ଶିଳ୍ପାଞ୍ଚଳ ପଡ଼ିଆଠାରେ ଗତ ତା. ୧୦ ଡ଼ିସେମ୍ବର ୨୦୧୭ ରିଖ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବରେ ପାଳନ ହୋଇଯାଇଛି । ଏହି ଶିଶୁ ମହୋତ୍ସବରେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ନିର୍ମାଣ ଶ୍ରମିକଙ୍କ ପୁଅଝିଅ ନିଜର କଳା ପ୍ରଦର୍ଶନ କରିଥିଲେ । ଧରମା ପ୍ରତିଷ୍ଠାନର ଶ୍ରୀ ରକ୍ଷାକର ଅନୁପମ ପ୍ରାରମ୍ଭିକ ସୂଚନା ଦେଇ କହିଲେ ଅଧାରୁ ପାଠ ଛାଡ଼ି ଚାଲିଯାଉଥିବା ଓ ନିର୍ମାଣ କ୍ଷେତ୍ରରେ ନିୟୋଜିତ ଥିବା ପିଲାମାନେ ଏହି କାର୍ଯ୍ୟକ୍ରମର ବିଶେଷ ଭାବରେ ସାମିଲ କରାଯାଇଥିଲା । ନିର୍ମାଣ ଶିଳ୍ପରେ ନିୟୋଜିତ ରହିଥିବା ଶ୍ରମିକ ପିଲାଙ୍କ ମଧ୍ୟରେ ଯେଉଁ ପ୍ରତିଭା ରହିଛି ତାକୁ ପ୍ରତ୍ସୋହନ ଦେବା ଓ ପ୍ରତିଭାକୁ ମାପିବା ପାଇଁ ପ୍ରତିଯୋଗିତା କରିବା ଓ ସେମାନଙ୍କ ପିଲାଙ୍କ ମଞ୍ଚ "ଧରମା" ମଞ୍ଚରେ ସାମିଲ କରିବା । ଦାରିଦ୍ର୍ୟ, ଅଭାବ, ଅସୁରକ୍ଷିତ ଜୀବନ ଓ କ୍ରମାଗତ ଅବହେଳା ସତ୍ତ୍ୱେ ଏହି ପିଲାଙ୍କ ମଧ୍ୟରେ ଥିବା ଦକ୍ଷତା ଓ ପ୍ରତିଭାର ଅନ୍ୱେଷଣ କରିବା ସହ ତାର ବିକାଶ ପାଇଁ ଧରମା ପକ୍ଷରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ବାସ୍ତବରେ ଏହିସବୁ ପିଲାମାନଙ୍କ ମନରେ ଦେଇଥିଲା ଆନନ୍ଦ, ଉତ୍ସାହ ଓ ସାହସ । ନାଚ, ଗୀତ ଓ ଚିତ୍ରାଙ୍କନରେ ଅଂଶଗ୍ରହଣ କରି ପିଲାମାନେ ପ୍ରଦର୍ଶନ କରିଥିଲେ ନିଜନିଜର ନିଆରା ପାରଦର୍ଶିତା । ଅନୁଷ୍ଠାନିକ ଶିକ୍ଷା ବା ତାଲିମ୍ ବିନା ଏହିପିଲାମାନେ ଯେଉଁ ଉତ୍କର୍ଷର ଉଦାହରଣ ପ୍ରଦର୍ଶନ କରି ପାରୁଛନ୍ତି ତାହା ତଥାକଥିତ ସମ୍ଭ୍ରାନ୍ତ ବର୍ଗର ତାଲିମ ପ୍ରାପ୍ତ ଏବଂ ବ୍ୟୟ ବହୁଳ ପ୍ରଶିକ୍ଷାର୍ଥୀ ମାନଙ୍କୁ ପଛରେ ପକାଇ ଦେବାକୁ ଯଥେଷ୍ଟ ଥିଲା ।

ସାଂସଦ ଓ ସମାଜସେବୀ **ଶ୍ରୀ ଏ.ଭି. ସ୍ୱାମୀ** ଶିଶୁ ମହୋତ୍ସବକୁ ଉଦ୍‌ଘାଟନ କରି କହିଲେ ଏହି ପିଲାମାନଙ୍କୁ ଦେଖି ମୋର ପିଲାଦିନ କଥା ମନେ ପଡୁଛି, ଆଜି ମୋତେ ବହୁତ ଖୁସି ଲାଗୁଛି କି ଏକ ନିର୍ଦ୍ଦିଷ୍ଟ ଶ୍ରମିକ ଗୋଷ୍ଠୀ ପିଲାମାନଙ୍କ ପାଇଁ ଏହି ଶିଶୁ ମହୋତ୍ସବ ଆୟୋଜନ କରାଯାଇଛି । ଦେଶରେ ବହୁ ଶିଶୁ ମହୋତ୍ସବ ହେଉଛି ମାତ୍ର ଏପରି ଏକ ନିଆରା ଶିଶୁ ମହୋତ୍ସବର ଆୟୋଜନ ପଛରେ ଯେଉଁ ଏକ ବଳିଷ୍ଠ ଯୁକ୍ତି ଓ ମହତ୍ତ ଉଦ୍ଦେଶ୍ୟ ରହିଛି ତାହା ନିଶ୍ଚିତ ଅଦ୍ୱିତୀୟ । ଅନିୟମିତ ଶ୍ରମିକମାନଙ୍କ ଦ୍ୱାରା ଏହା ଆୟୋଜିତ ଏହି ପିଲାମାନଙ୍କର ପ୍ରତିଭାକୁ ଦେଖିଲା ପରେ ସ୍କୁଲ ଛାଡ଼ିଦେଇଥିବା ପିଲାମାନେ ପୁଣିଥରେ ଶ୍ରେଣୀ କୋଠରୀକୁ ଫେରିଯାଉଥିବା କଥା ଶୁଣି ମୁଁ ଅତ୍ୟନ୍ତ ଆନନ୍ଦିତ । ଶ୍ରମିକମାନେ ଶିଶୁ ମହୋତ୍ସବ ଆୟୋଜନ କରିବା ପଛରେ ଯେଉଁ ଯୁକ୍ତି ଓ ଆହ୍ୱାନ ରହିଛି ତାହା ଭାରତ ବର୍ଷରେ ନୂଆ ଦିଗ ଉନ୍ମୋଚନ କରିଛି । ଏହି ବାଟରେ ହିଁ ପିଲାମାନେ ଫେରି ଆସିବେ ତାହା ମୋର ଦୃଢ଼ ବିଶ୍ୱାସ ହେଉଛି । ଗତ ଛଅ ଦଶନ୍ଧି ଧରି ମୁଁ ସମାଜ ସେବା କ୍ଷେତ୍ରରେ ରହିଛି, ମାତ୍ର ଏପରି ଉଦ୍ୟମ ମୁଁ କେବେ କେଉଁଠି ଦେଖି ନାହିଁ । ଏପରି ସାଧୁ ଉଦ୍ୟମ ପାଇଁ ମୁଁ ସମସ୍ତ ସହଯୋଗ କରିବା ପାଇଁ ପ୍ରସ୍ତୁତ । ଗୀତ, ନାଚ ଓ ଚିତ୍ରକଳାରେ ଏହି ପିଲାମାନେ ଯେଉଁ ସବୁ ପ୍ରଦର୍ଶନ କଲେ ତାହା ଆଜି ବର୍ଣ୍ଣନା କରିବା ପାଇଁ ମୋ ପାଖରେ ଭାଷା ନାହିଁ । କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ କରି କହିଲେ ଏହି ପ୍ରକ୍ରିୟା ଦେଶର ଅନ୍ୟ ଇଲାକା ମାନଙ୍କରେ ଆରମ୍ଭ ହେବା ଉଚିତ୍ ଏବଂ ଧରମାର ଏହି ପଦକ୍ଷେପ ଅନ୍ୟ ସମସ୍ତେ ଅନୁସରଣ କରିବା ଦରକାର । ଏହି ପ୍ରକ୍ରିୟା ମୋ ନୂଆପଡ଼ା ଜିଲ୍ଲାରୁ ଦାଦନ ଖଟିବାକୁ ଯାଉଥିବା ଶ୍ରମିକ ପିଲାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାରେ ମଧ୍ୟ ସହାୟକ ହୋଇପାରିବ ।

**ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ** ଶ୍ରମିକମାନଙ୍କର ସ୍ୱତନ୍ତ୍ର ଗୋଷ୍ଠୀ ପିଲାମାନଙ୍କୁ ନେଇ ଏପରି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବା ନିଶ୍ଚିତ ଭାବରେ ଏକ ଗଠନ ଓ ସୃଜନଶୀଳ ପଦକ୍ଷେପ । ଧରମା ପ୍ରତିଷ୍ଠାନର ଶ୍ରୀ ରକ୍ଷାକର ଅନୁପମଙ୍କୁ ମୁଁ ଏଥିପାଇଁ ବଧେଇ ଜଣାଉଛି । ଶ୍ରମିକ ପିଲାଙ୍କର ଉତ୍ସାହ ଓ ଆଗ୍ରହ ବୃଦ୍ଧି ହେଲେ ସେମାନେ କାର୍ଯ୍ୟସ୍ଥଳୀଗାମୀ ନହୋଇ ବିଦ୍ୟାଳୟଗାମୀ ହେବେ ତାହା ଏହି ଅନୁଷ୍ଠାନ ପରୀକ୍ଷା କରି ଦେଖିଛି । ଏହାକୁ ଉଚ୍ଚ ପ୍ରଂଶସା କରି ସେ ଆହୁରି କହିଲେ ଧରମା ମଞ୍ଚ ଏହି ପିଲାମାନଙ୍କୁ ଏକ ସୁଯୋଗ ଦେଇ ପ୍ରମାଣ କରିଛି ଯେ ପିଲାମାନେ ଏହି ବାଟରେ ହିଁ ଶିକ୍ଷାର ମୁଖ୍ୟ ସ୍ରୋତକୁ ଫେରିବେ । ନାଚୁ ନାଚୁ ଅନ୍ୟ କଳାକାରଙ୍କ ଶିକ୍ଷା ବିଷୟରେ ଭାବିବ । ଚିତ୍ର ଆଙ୍କୁ ଆଙ୍କୁ ନିଜର ଶିକ୍ଷା କ'ଣ

ବୋଲି ନିଜକୁ ପଚାରିବ । ପଚାରିବା ପାଇଁ ସେ କେବେ ସୁଯୋଗ ପାଇନଥିଲା । ଏହି ଧରମା ପ୍ରତିଷ୍ଠାନ ତାକୁ ପାଠ ବିଷୟରେ ଭାବିବା ପାଇଁ ଏକ ସୁଯୋଗ ଆଣି ଦେଇଛି । ଆମ୍ଭେ ସମସ୍ତେ ଏଥି ପାଇଁ ଉଦ୍ୟମ କରିବା ଦରକାର । ଶ୍ରମିକ ଶ୍ରେଣୀର ପିଲା ପାଠ ପଢ଼ିଲେ ଦେଶର ନିରକ୍ଷରତା ଦୂର ହେବା ସହ ଭଲ ଠିକ୍ ଜାଣିପାରିବ । ତାହା ଦେଶର ପରିବର୍ତ୍ତନରେ ସହାୟକ ହେବ । କୃତି ପ୍ରତିଯୋଗୀଙ୍କ ସହ ନିଜର ଭାବ ବିନିମୟ କରି ସେମାନଙ୍କୁ ଉତ୍ସାହିତ କରିଥିଲେ । ଏପରି ଉଦ୍ୟମ ସବୁଠାରେ ହେବାର ଆବଶ୍ୟକତା ରହିଛି ମୁଁ ସହଯୋଗ କରିବା ପାଇଁ ପ୍ରସ୍ତୁତ ।

ବିଶିଷ୍ଟ ସମାଜ ସେବିକା **ଶ୍ରୀମତୀ ଲକ୍ଷ୍ମୀ ଦାସ** ଏକ ନିର୍ଦ୍ଦିଷ୍ଟ ଶ୍ରମିକ ଗୋଷ୍ଠୀର ପିଲାମାନଙ୍କୁ ନେଇ ଏପରି ଶିଶୁ ମହୋତ୍ସବ କରାଯିବା ଦେଶରେ ଏହା ପ୍ରଥମ । ଏହି ପରୀକ୍ଷା ଦୀର୍ଘଦିନର ନିଶ୍ଚିତ । ଏହି ମହୋତ୍ସବ ବଞ୍ଚିତ ପିଲାମାନଙ୍କ ପାଇଁ ଏକ ମଞ୍ଚ । ଯେଉଁ ପିତାମାତାମାନେ ଏ ଦେଶ ଦୁନିଆ ଗଢ଼ିଛନ୍ତି- ସେମାନଙ୍କ ପିଲା ଶିକ୍ଷା ଓ ସ୍ୱାସ୍ଥ୍ୟରୁ ବଞ୍ଚିତ ହେବା ଗଣତାନ୍ତ୍ରିକ ବ୍ୟବସ୍ଥାର ପରପନ୍ଥୀ । ଆର୍‌ଟିଇ ଆଇନ, ୨୦୦୯ କିମ୍ବା ନିର୍ମାଣ ଶ୍ରମିକ ଆଇନ ୧୯୯୬ ଏହି ପିଲାମାନଙ୍କୁ ଫେରାଇ ଆଣିବା ପାଇଁ ଏ ପର୍ଯ୍ୟନ୍ତ ସେପରି କୌଣସି ଉଦ୍ୟମ ନେଇପାରି ନାହିଁ । ଏହି ପିଲାଙ୍କୁ ଫେରାଇ ଆଣିବା ପାଇଁ ଏହି ଦୁଇଟି ଆଇନକୁ ସଠିକ ଭାବରେ କାର୍ଯ୍ୟକାରୀ କରାଗଲେ ବହୁ ପିଲା ବିଦ୍ୟାଳୟକୁ ଫେରିଯିବେ ।

ଶ୍ରୀମତୀ ଦାସ ଆହୁରି କହିଲେ ଏହି କୁନି କୁନି ପିଲାଙ୍କ ମଧ୍ୟରେ ହଜିଯାଉଥିବା ପ୍ରତିଭାକୁ ଧରମା ପ୍ରତିଷ୍ଠାନ ଖୋଜି ପାଇବାରେ ନିଆରା ଚେଷ୍ଟା କରୁଛି ଯାହା ସଂପୂର୍ଣ୍ଣ ସ୍ୱତନ୍ତ୍ର ଓ ଅଲଗା । ଏହି ବାଟରେ ପିଲାମାନେ ଉତ୍ସାହିତ ହୋଇ ବିଦ୍ୟାଳୟକୁ ଫେରି ଆସିବେ । ସରକାର, ବେସରକାରୀ ସଂସ୍ଥା, ଶ୍ରମିକ ସଂଗଠନ ଓ ନାଗରିକ ସମାଜ ଏହି ପ୍ରକ୍ରିୟାକୁ ଅନୁସରଣ କରି ଶିକ୍ଷା ଲାଭ କରିବା ଦରକାର । ପୁରସ୍କୃତ ହୋଇଥିବା ପିଲାମାନଙ୍କ ମନରେ ସରଶ ଓ ଉତ୍ସାହ ଆଣିବ ଆଜିର ଏହି ମହୋତ୍ସବ । ଏହି ଚମ୍‌କାର ଉଦ୍ୟମ ପାଇଁ ମୁଁ ରକ୍ଷାକର ଭାଇଙ୍କୁ ସାଧୁବାଦ ଜଣାଉଛି ଏବଂ ତାଙ୍କ ଟିମକୁ ମଧ୍ୟ ।

ଶ୍ରମିକ ନେତା **ଶ୍ରୀ ଶିବରାମ ସାହୁ** କହିଲି ଶ୍ରମିକମାନଙ୍କ ସହ ମୋର ଦୀର୍ଘ ଦିନର ସଂପର୍କ, ସଂଘର୍ଷ ଓ ସହମତି ହୋଇ ଆସିଛି ମାତ୍ର ସେମାନଙ୍କ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ କୌଣସି ଉଦ୍ୟମ ହୋଇପାରି ନାହିଁ । ଧରମାର ଏହି ଉଦ୍ୟମ ନିଶ୍ଚିତ ପ୍ରଶଂସନୀୟ । ଏହି ଶ୍ରମିକ ଶ୍ରେଣୀ ପିଲାମାନଙ୍କ ମଧ୍ୟରେ ଉତ୍ସାହ, ସାହସ ଓ ଆଗ୍ରହ ବଢ଼ାଇବା ସଙ୍ଗେ ସଙ୍ଗେ ବିଦ୍ୟାଳୟକୁ ଫେରାଇ ଆଣିବାରେ ସହାୟକ ହେବ । ଏପରି ଉଦ୍ୟମର ମୁଁ କାମନା କରୁଛି ।

ଏହି ମହୋତ୍ସବରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ସାଂସଦ ଶ୍ରୀଯୁକ୍ତ ଏ.ଭି ସ୍ୱାମୀ, ସମାଜ ସେବିକା ଲକ୍ଷ୍ମୀ ଦାସ, ସୁଷମା ସାହୁ, ଶିବରାମ ସାହୁ, ଧରମା ଫାଉଣ୍ଡେସନର ଟ୍ରଷ୍ଟ ଶ୍ରୀ ରକ୍ଷାକର ଅନୁପମ, କର୍ପୋରେଟର ଶ୍ରୀ ଏସ୍ ନନ୍ଦ, ପିଲାମାନଙ୍କୁ ଉତ୍ସାହିତ କରିବା ଏବଂ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ବିଜୟୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

ଏହି କାର୍ଯ୍ୟକ୍ରମକୁ ଚେରୁମଣି କାଲୋ, ସୁବନ୍ତି ଖଡ଼ିଆ, ବାସନ୍ତି ମୁଣ୍ଡା, ମନୋଜ ଖଡ଼ିଆ, ମନୋଜ ସାହୁ, ଭାଷ୍କର ସେନାପତି ପରିଚାଳନା କରିଥିଲେ ।

| କେଉଁ ବିଷୟରେ | ପ୍ରଥମ | ଗ୍ରାମର ନାମ | ଦ୍ୱିତୀୟ | ଗ୍ରାମର ନାମ | ତୃତୀୟ | ଗ୍ରାମର ନାମ |
|---|---|---|---|---|---|---|
| ଗୀତ | ବିବେକ ତାଣ୍ଡିଆ, | କହରପଡ଼ା | ସ୍ନେହଲତା ବାଗ | ତାଲମୁଣ୍ଡା | ଭକ୍ତିମୟୀ ଗର୍ଡ଼ିଆ | ପାହାଡ଼ିମନ୍ଦିର |
| ନାଚ (ସିଙ୍ଗିଲ) | ପୂର୍ଣ୍ଣଚନ୍ଦ୍ର ରଣା, ସୁଭଦ୍ରା ବେହେରା | ତାଲମୁଣ୍ଡା ପାହାଡ଼ିମନ୍ଦିର | ପ୍ରିୟଙ୍କା ମେହେର | ଭୋଇମୁଣ୍ଡା | ଚନ୍ଦ୍ରକାନ୍ତି ନାଏକ | ପାକେଲଖୋଲ |
| ଚିତ୍ରକଳା | ମୀନା କଣ୍ଡରା | କାଲୋପତରା | ପ୍ରଶାନ୍ତ ମିର୍ଦ୍ଧା | ବାଗମୁଣ୍ଡା | ପ୍ରୀତି ମୁଣ୍ଡା, ଅଭିଶେକ ପଣ୍ଡିତ, ତେଜସ୍ମୀତା ମାଝି | କାଲୋପତରା, ଶିଙ୍ଖାଞ୍ଚଳ ସରବାହାଲ |
| ନାଚ (ଗ୍ରୁପ) | ସାଗର ପାନ୍ନା (ଗ୍ରୁପ) | ସରବେର୍ଣ୍ଣା | ରୀତା ଓ ତୁଳସି (ଗ୍ରୁପ) | ଟାଙ୍ଗରପାଲି | ଲକ୍ଷ୍ମୀ ଓରାମ (ଗ୍ରୁପ) | ସରବେର୍ଣ୍ଣା |




ଝାରସୁଗୁଡ଼ା ଧରମା ଶିଶୁ ମହୋତ୍ସବ-୨୦୧୭ ର କିଛି ଝଲକ




**Some of our efforts in a bid to turn Coalfields into 'Green Fields' are.....**

- Planting over 5.15 million trees in and around MCL's command area in Odisha.
- Being the 1st company to introduce Eco-friendly Surface Miner In 1999, which completely eliminates drilling, blasting and crushing operations in mining of coal.
- Installing Mobile Water Sprinklers, Fixed Automatic Sprinklers, Instant Showering Systems and Mist Spraying arrangements at CHP to reduce air pollution.
- Treating industrial waste water in Mine Discharge Treatment Plant and introducing Sedimentation ponds, oil & grease traps in workshops and domestic effluent treatment plant in colonies to help minimise pollution.

**MCL**

ମହାନଦୀ କୋଲ୍‌ଫିଲଡ଼ସ୍ ଲିମିଟେଡ୍
महानदी कोलफील्डस लिमिटेड
**Mahanadi Coalfields Limited**
*(A subsidiary of Coal India Limited)*

**Corporate Office: Jagruti Vihar, Burla,Sambalpur, Odisha – 768020, www.mahanadicoal.in**

ଧରମା ଫାଉଣ୍ଡେସନ (ଟ୍ରଷ୍ଟ) ପକ୍ଷରୁ ସୁଷମା ସାହୁଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ । ଯୋଗାଯୋଗ: ପ୍ଲଟ ନଂ - ୨୫, ମଧୁସୁଦନ ନଗର, ୟୁନିଟ-୪, ଭୁବନେଶ୍ୱର - ୭୫୧୦୦୧, ଓଡ଼ିଶା, ଦୂରଭାଷ :୮୦୧୮୪୧୫୯୯୧
Printed at Print-Tech offset Pvt. Ltd., C.S.Pur, BBSR.
E-mail: dharamafoundation@gmail.com, psm.odisha@gmail.com
Chief Editor: **Dr. Golak Bihari Nath**
Editor: **Rakshyakar Anupam**
ସହଯୋଗ ରାଶି: ଟ. ୧୦/-